୬

# ସମ୍ବାଦ କଳିକା

31 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୨୫୯ ● ୧୭ ଅକ୍ଟୋବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-259 ● 17th October 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଲକ୍ଷ୍ନୌ ସୁପର ଜାଏଣ୍ଟସରେ ଯୋଗଦେଲେ କେନ୍ ୱିଲିୟମସନ୍



୬




## ବିଜୟ ସଂକଳ୍ପ ସମାବେଶ

# ନୂଆପଡାର ସାମଗ୍ରିକ ବିକାଶ ଦାୟିତ୍ୱ ମୁଁ ନେଇଛି



**ନୂଆପଡା/ଭୁବନେଶ୍ୱର, ୧୬।୧୦**

**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ନୂଆପଡା ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଯାଇଛି । କେବଳ ନୂଆପଡା ନିର୍ବାଚନମଣ୍ଡଳୀ ନୁହେଁ, ସମଗ୍ର ନୂଆପଡା ଜିଲ୍ଲାର ଜଣେ ଲୋକପ୍ରିୟ ଜନପ୍ରତିନିଧିଙ୍କ ସୁଯୋଗ୍ୟ ଦାୟାଦ ଆଜି ତାଙ୍କ ପିତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଭାରତୀୟ ଜନତା ପାର୍ଟିର ପରିବାରରେ ସାମିଲ ହୋଇଛନ୍ତି ବୋଲି ଏଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏବେ ନୂଆପଡା ଦେଖିବ ଡବଲ ଇଞ୍ଜିନ ସରକାରର ବିକାଶର ଗତି । ବିଭିନ୍ନ ଦଳରୁ ହଜାର ହଜାର କର୍ମୀଙ୍କ ସହିତ ଅନେକ ଦଳୀୟ ନେତା ନିଜ ନିଜ ଦଳ ତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଚାର ଓ ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ଯୋଗଦାନ କରିଛନ୍ତି । ଏତେ ସଂଖ୍ୟକ କର୍ମୀ ଗୋଟିଏ ଦଳ ଛାଡି ବିଜେପିରେ ମିଶିବା ହୁଏତ ପୂର୍ବରୁ କେବେ ହୋଇନଥିଲା। ଏହା ମୋତେ ଅଭିଭୂତ କରିଛି। ଆପଣମାନଙ୍କ ପରିଶ୍ରମ ଓ ତ୍ୟାଗ କେବଳ ବିଜେପି ନୁହେଁ ବରଂ ରାଷ୍ଟ୍ର ଗଠନ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ । ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ଅବସରରେ ନୂଆପଡା ଉପନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ୍ୱ କି ସନ୍ଦେହ ରହିବା କଥା ନୁହେଁ ବୋଲି ଶ୍ରୀ ମାଝୀ କହିଛନ୍ତି । *(ପୃଷ୍ଠା ୭ରେ)*

# ନବୀନଙ୍କୁ ଫୋନ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧୦**

**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୯ ବର୍ଷରେ ପଦାର୍ପଣ କରିଛନ୍ତି। ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପାଟି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସକାଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ଫୋନରେ କଥା ହୋଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି: "ମୁଁ ପ୍ରାର୍ଥନା କରୁଛି ଯେ ପ୍ରଭୁ ଜଗନ୍ନାଥ ଆପଣଙ୍କୁ ଦୀର୍ଘ ଏବଂ ସୁସ୍ଥ ଜୀବନ ପ୍ରଦାନ କରନ୍ତୁ।"



ମୁଖ୍ୟମନ୍ତ୍ରୀ ଏକ୍ସରେ ଏକ ବାର୍ତ୍ତା ପୋଷ୍ଟ କରିଥିଲେ, ଯେଉଁଥିରେ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କେଭି ସିଂହ ଦେଓ ଏବଂ ପ୍ରଭାତୀ ପରିଡା ମଧ୍ୟ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଧ୍ୟ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନବୀନ ସୋସିଆଲ ମିଡିଆ ଏକ୍ସର ପ୍ରତ୍ୟେକ ବାର୍ତ୍ତାର ଉତ୍ତର ମଧ୍ୟ ଦେଇଛନ୍ତି। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ମଧ୍ୟପ୍ରଦେଶର ପାଣ୍ଢୁର୍ଣ୍ଣାରେ ଟ୍ରକ୍ ଧକ୍କାରେ ଟ୍ରାକ୍ଟର ଟ୍ରଲି ଓଲଟିଲା, ମହାରାଷ୍ଟ୍ରର ତିନି ଜଣ ଚାଷୀଙ୍କ ମୃତ୍ୟୁ।
- ପ୍ରଧାନମନ୍ତ୍ରୀ କୁର୍ଣ୍ଣୁଲରେ ପହଞ୍ଚି ଶ୍ରୀଶୈଳମରେ ଭଗବାନ ମଲ୍ଲିକାର୍ଜୁନଙ୍କୁ ପୂଜା କଲେ।
- ନୂଆପଡ଼ା ଉପନିର୍ବାଚନ: ସ୍ୱାଧୀନପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ଆଶ୍ରୟ ମହାନନ୍ଦ।
- କୃତ୍ରିମ ବୁଦ୍ଧି ଓ ବ୍ୟାଙ୍କ ଲାଭରେ ବିଶ୍ୱ ବଜାର ଉନ୍ନତି।
- ଟ୍ରମ୍ପଙ୍କ ଚୀନ ସହ ଶୁଳ୍କ ବିବାଦରେ ବିଶ୍ୱ ଅର୍ଥନୀତି ମାନ୍ଦା।
- ଗାଜାରେ ଯୁଦ୍ଧବିରାମ ଓ ବନ୍ଦୀ ମୁକ୍ତି ଉପରେ ବିଶ୍ୱର ଦୃଷ୍ଟି।
- ରେଳ ବିଭାଗ ଉଚ୍ଚଗତି କରିଡର ଓ ନୂତନ ଟ୍ରେନ ପ୍ରକଳ୍ପ ଆରମ୍ଭ କରିବ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୯୪୪ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୮୬୫ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୦୮ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୬ (-୧)

## ଛତିଶଗଡ଼ର ଆବୁଝମାଡ ଏବଂ ଉତ୍ତର ବସ୍ତରକୁ ନକ୍ସଲ ମୁକ୍ତ ଘୋଷଣା

**ଜଗଦଲପୁର, ୧୬।୧୦**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କହିଛନ୍ତି ଯେ ଛତିଶଗଡ଼ର ଆତଙ୍କବାଦର କେନ୍ଦ୍ରସ୍ଥଳ, ଆବୁଝମାଡ଼ ଏବଂ ଉତ୍ତର ବସ୍ତରକୁ ନକ୍ସଲ ଆତଙ୍କ ମୁକ୍ତ ଘୋଷଣା କରାଯାଇଛି। ଏବେ ଦକ୍ଷିଣ ବସ୍ତରରେ ନକ୍ସଲବାଦର କୌଣସି ଚିହ୍ନ ବାକି ନାହିଁ, ଯାହାକୁ ଆମର ସୁରକ୍ଷା ବାହିନୀ ଶୀଘ୍ର ସମାପ୍ତ କରିବେ।



କେନ୍ଦ୍ର ଗୃହମନ୍ତ୍ରୀ ଶାହ ଗୁରୁବାର ତାଙ୍କ ଏକ୍ସ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ଏହା ବହୁତ ଖୁସିର କଥା ଯେ ଛତିଶଗଡ଼ର ଆବୁଝମାଡ଼ ଏବଂ ଉତ୍ତରବସ୍ତର ଯେଉଁମାନେ ଏକଦା ଆତଙ୍କବାଦର ଗଡ଼ ଥିଲେ, ସେମାନଙ୍କୁ ନକ୍ସଲ ଆତଙ୍କ ମୁକ୍ତ ଘୋଷଣା କରାଯାଇଛି। ଜାନୁଆରୀ ୨୦୨୪ରେ ଛତିଶଗଡ଼ରେ ବିଜେପି ସରକାର ଗଠନ ହେବା ପରଠାରୁ, ୨,୧୦୦ ନକ୍ସଲ ଆତ୍ମସମର୍ପଣ କରିଛନ୍ତି, ୧,୭୮୫ ଜଣଙ୍କୁ ଗିରଫ କରାଯାଇଛି ଏବଂ ୪୭୭ ଜଣଙ୍କୁ ହତ୍ୟା କରାଯାଇଛି। ଏହି *(ପୃଷ୍ଠା ୭ରେ)*

# ଅପରେସନ ସିନ୍ଦୂର ଭାରତର ବୃଦ୍ଧି ହେଉଥିବା ସ୍ୱଦେଶୀ ଶକ୍ତିର ଜ୍ୱଳନ୍ତ ପ୍ରମାଣ

**ମୁମ୍ବାଇ, ୧୬।୧୦**

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ଦିନ ମହାରାଷ୍ଟ୍ରର ପୁଣେରେ କହିଛନ୍ତି ଯେ, ଅପରେସନ ସିନ୍ଦୂର ଭାରତର ବୃଦ୍ଧି ହେଉଥିବା ସ୍ୱଦେଶୀ ଶକ୍ତିର ଏକ ଜ୍ୱଳନ୍ତ ପ୍ରମାଣ।

ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ ଗୁରୁବାର ପୁଣେରେ ସିମ୍ବାୟୋସିସ ସ୍କିଲ୍ସ ଏଣ୍ଡ ପ୍ରୋଫେସନାଲ ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ବିଦ୍ୟାର୍ଥୀମାନଙ୍କ ବିଶ୍ୱାସ ଏବଂ ଦୃଢ଼ତା ଯେପରି ଗୁଣର ମହତ୍ତ୍ୱ ବୁଝିଥିଲେ। ସେ ବିଦ୍ୟାର୍ଥୀମାନଙ୍କୁ *(ପୃଷ୍ଠା ୭ରେ)*




## ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଭେଟି

# ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବୃଦ୍ଧି

**ଭୁବନେଶ୍ୱର, ୧୬।୧୦**

**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ପର୍ବ ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ ।

ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ *(ପୃଷ୍ଠା ୭ରେ)*

## ଗୁଜୁରାଟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆନୁଷ୍ଠାନିକ ଭାବରେ ଘୋଷଣା, ଆଜି ଶପଥ ଗ୍ରହଣ ସମାରୋହ

**ଗାନ୍ଧିନଗର, ୧୬।୧୦**

ଗୁଜୁରାଟ ରାଜ୍ୟର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି। ନୂତନ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ସମାରୋହ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ ରେ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ କେନ୍ଦ୍ରୀୟ ବିଜେପି ନେତାମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଗୁରୁବାର କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡି ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଇସ୍ତଫା ଦେଇଥିବା ଜଣାପଡିଛି।



ରାଜ୍ୟ ସୂଚନା ବିଭାଗ ପକ୍ଷରୁ ଜାରୀ ଏକ ବିବୃତିରେ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ କ୍ୟାବିନେଟ ସମ୍ପ୍ରସାରଣରେ ନାମିତ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ସମାରୋହ ଶୁକ୍ରବାର ପୂର୍ବାହ୍ନ ୧୧ଟା୩୦ ରେ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏହି ଉତ୍ସବରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ।

କ୍ୟାବିନେଟ ସାଧାରଣତଃ ପ୍ରତି ବୁଧବାର ବୈଠକ ହୁଏ, କିନ୍ତୁ ଅକ୍ଟୋବର ୧୫ ରେ କୌଣସି ବୈଠକ ହୋଇନଥିଲା। ବିଜେପି ଏହାର ସମସ୍ତ ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ଦୁଇ ଦିନ ପାଇଁ ଗାନ୍ଧୀନଗରରେ ରହିବାକୁ ନିର୍ଦ୍ଦେଶ ଦେଇଛି। ସମସ୍ତଙ୍କୁ ଅପରାହ୍ନ ସୁଦ୍ଧା ଗାନ୍ଧୀନଗର ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ୧୮ରେ ନାମାଙ୍କନ ଭରିବେ ଜୟ ଢୋଲକିଆ

**ଭୁବନେଶ୍ୱର, ୧୬।୧୦ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୮ ତାରିଖରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ନିର୍ଦ୍ଧାରିତ ହୋଇଛି । ପୂର୍ବରୁ ଦଳ ଗୁରୁବାର ପ୍ରାର୍ଥୀ ପତ୍ର ଦାଖଲ କରିବା ପାଇଁ ଘୋଷଣା କରିଥିବା ବେଳେ ଜୟ ଢୋଲକିଆଙ୍କୁ ତାଙ୍କ ମହାରାଜା ସ୍ୱାମୀ ରାଶି ଅନୁସାରେ ୧୮ ତାରିଖରେ ପ୍ରାର୍ଥୀ ପତ୍ର ଦାଖଲ କରିବା ପାଇଁ ଶୁଭ ମୁହୂର୍ତ୍ତ ଥିବା କଥା କହିଥିବାରୁ ସେଥିପାଇଁ ସେ ୧୮ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପାଇଁ ଦଳ ସହ ଆଲୋଚନା କରିଛନ୍ତି ବୋଲି ସୂଚନା ଦେଇଛନ୍ତି।

## ଏକାଳ ପଖାଳ



ଦାୟିତ୍ୱଟା ପୂରା ନେଲେ ସାରେ  
ଆଉ କିଛି ଅଛି ଚିନ୍ତା  
ପଛୁଆ ଜିଲ୍ଲାରୁ ଆଗୁଆ ହେବ  
ବିକାଶ କାଟିବ ଫିତା  
ବିରୋଧୀଙ୍କୁ ଲାଗେ ପିତା  
ଡବଲ ଇଞ୍ଜିନ୍ ଭିଡି ନେଲେ ଗାଡି  
ଉଡିଯିବ ଅଡୁଆପଡୁଆ।

# ଦୁଇ ଦିନରେ ୨୫୮ ମାଓବାଦୀଙ୍କ ଅସ୍ତ୍ର ତ୍ୟାଗ



**ରାଞ୍ଚି, ୧୬।୧୦**

ଛତିଶଗଡ଼ ଏବଂ ମହାରାଷ୍ଟ୍ରରେ ଗତ ଦୁଇଦିନ ମଧ୍ୟରେ ୨୫୮ ଜଣ ନକ୍ସଲ ଅସ୍ତ୍ର ତ୍ୟାଗ କରିବା ସହ ଆତ୍ମସମର୍ପଣ କରିଛନ୍ତି, ଯାହା ନକ୍ସଲବାଦ ବିରୋଧରେ ବଡ ସଫଳତା ବୋଲି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା କହିଛନ୍ତି। ସେ କହିଛନ୍ତି ଆମର ଲଢ଼େଇରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସେ କହିଥିଲେ, ଗୁରୁବାର ଛତିଶଗଡ଼ରେ ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଗତକାଲି ୨୭ ଜଣ ଛତିଶଗଡ଼ରେ ଏବଂ ୬୧ ଜଣ ମହାରାଷ୍ଟ୍ରରେ ଅସ୍ତ୍ର ସମର୍ପଣ କରିଛନ୍ତି।

ଭାରତର ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସକୁ ଦୋହରାଇ ହିଂସା ପରିତ୍ୟାଗ କରିବା ଲାଗି ସେମାନଙ୍କ ନିଷ୍ପତ୍ତିକୁ ଗୃହମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହା ଏହି ସତ୍ୟର ପ୍ରମାଣ ଦେଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହି ବିପଦର ଅବସାନ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ନକ୍ସଲବାଦ ଶେଷ ନିଃଶ୍ୱାସ ପ୍ରଶ୍ୱାସ ନେଉଛି।

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ତାଲିକାରେ ସତୀଶ ଓରଫ ଟି ବାସୁଦେଓ ରାଓ (ସିସିଏମ), ରନିତା (ଏସଜେଡିସିଏମ, ମାଡ ଡିଭିସିର ସଚିବ), ଭାସ୍କର (ଡିଭିସିଏମ, ପିଏଲ ୩୨), ନୀଲା ଓରଫ ନାନ୍ଦେ (ଡିଭିସିଏମ, *(ପୃଷ୍ଠା ୭ରେ)*

# ଦୀପାବଳି ପରେ ପୁଣି ଲଘୁଚାପ ସମ୍ଭାବନା



**ଭୁବନେଶ୍ୱର, ୧୬।୧୦**

**ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଆସନ୍ତା ୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଏହି ଲଘୁଚାପ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶା ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ପାଗରେ ପରିବର୍ତ୍ତନ ହେବାର ଆଶଙ୍କା ରହିଛି। ପାଣିପାଗ ବିଭାଗ ଏହାକୁ ନିରୀକ୍ଷଣ କରୁଛି ଏବଂ ଆଗାମୀ ଦିନରେ ଅଧିକ ସୂଚନା ପ୍ରଦାନ କରିବ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ମୌସୁମୀ ବର୍ଷା ଓ ଚାଷ କାମ ପ୍ରଭାବରେ ଗ୍ରାମାଞ୍ଚଳରେ କମିଲା ବେକାରି ହାର

ଚଳିତ ବର୍ଷ ଅଗଷ୍ଟରେ ଦେଶର ବେକାରି ହାର ୫.୧ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁନ ଓ ଜୁଲାଇରେ ତାହା ଯଥାକ୍ରମେ ୫.୨ ପ୍ରତିଶତ ଓ ୫.୬ ପ୍ରତିଶତ ଥିଲା। ଲଗାତାର ଦ୍ୱିତୀୟ ମାସରେ ବେକାରି ହାର ହ୍ରାସ ପାଇ ପାଞ୍ଚ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ ପୁରୁଷ ବର୍ଗରେ ବେକାରି ହାର ୫ ପ୍ରତିଶତକୁ ହ୍ରାସ ପାଇଛି। ଶେଷ ଥର ପାଇଁ ଗତ ଏପ୍ରିଲ୍‌ରେ ଏହା ଏଭଳି ସ୍ତରରେ ଥିଲା। ସହରାଞ୍ଚଳରେ ପୁରୁଷ ବେକାରି ହାର ୫.୯ ପ୍ରତିଶତକୁ ଖସିଆସିଛି ଯାହା ଗତ ଜୁଲାଇରେ ୬.୬ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ପୁରୁଷ ବେକାରି ହାର ୪.୫ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁଲାଇରେ ତାହା ୪.୬ ପ୍ରତିଶତ ଥିଲା। ଶ୍ରମ ଜନସଂଖ୍ୟା ଅନୁପାତ ଅଗଷ୍ଟରେ ୫୨.୨ ପ୍ରତିଶତରେ ପହଞ୍ଚିଛି ଯାହା ଗତ ଜୁନ୍ ଓ ଜୁଲାଇର ଯଥାକ୍ରମେ ୫୧.୨ ପ୍ରତିଶତ ଓ ୫୨ ପ୍ରତିଶତଠାରୁ ଉନ୍ନତ। ଶ୍ରମ ଶକ୍ତିରେ ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର) ଅଗଷ୍ଟରେ ୫୫ ପ୍ରତିଶତ ହୋଇଛି ଯାହା ଗତ ଜୁନ୍‌ରେ ୫୪.୨ ପ୍ରତିଶତ ଥିଲା। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ମହିଳା ଶ୍ରମ ଶକ୍ତି ହାର ବଢ଼ିଛି। ମହିଳାଙ୍କ ଶ୍ରମ ଶକ୍ତି ଅନୁପାତ ୩୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୦.୨ ପ୍ରତିଶତ ଓ ୩୧.୬ ପ୍ରତିଶତ ଥିଲା। ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ହାର ୩୩.୭ ପ୍ରତିଶତ ହୋଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୨ ପ୍ରତିଶତ ଓ ୩୩.୩ ପ୍ରତିଶତ ଥିଲା। ଭଲ ମୌସୁମୀ ବର୍ଷା, ସରକାରୀ ସ୍କିମ୍‌ର ଲାଭ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସୁଧାର ପ୍ରଭାବରେ ନିଯୁକ୍ତି ହାର ବଢ଼ିବା ସହ ବେକାରି କମ୍ ହେଉଛି। ମୌସୁମୀ ବର୍ଷା ଓ ଚାଷ କାମ ପ୍ରଭାବରେ ଗ୍ରାମାଞ୍ଚଳରେ ଲଗାତାର ତୃତୀୟ ମାସ ପାଇଁ ବେକାରି ହାର କମ୍ ରହିଛି। ସରକାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବ ମଧ୍ୟ ରହିଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୯)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ସେହି ସୁଗନ୍ଧିତ ସମୀରଣରେ ନର୍ତ୍ତନ କରୁଛନ୍ତି ବିବିଧ ବର୍ଣ୍ଣର ଅରଣ୍ୟପୁଷ୍ପ। ଇତିହାସର ବିବିଧ ମତାମତକୁ ଏଠାରେ ସମ୍ମିଶ୍ରଣ କରିବାକୁ ଯାଉଛୁ, ଉପନ୍ୟାସ ପୁଷ୍ପର ପ୍ରତିଟି ପାଖୁଡାରେ। ଯାହାକୁ ପୂର୍ଣ୍ଣାଙ୍ଗ ଇତିହାସ କୁହାଯିବ ନାହିଁ କିମ୍ବା ପୂର୍ଣ୍ଣାଙ୍ଗ ଉପନ୍ୟାସ କୁହାଯାଇ ପାରିବ ନାହିଁ। ଦୁଇଟି ମହତ୍ତର ଭାବନା ଓ ଚରିତ୍ରର ସମ୍ମିଶ୍ରଣରେ ଆମେ ଏହାକୁ ଚିତ୍ରିତ କରୁଛୁ ଆଉ ପ୍ରତିଟି ପାଠକଙ୍କ ହୃଦୟରେ ଜୀବନ୍ତ କରିବାକୁ ଯାଉଛୁ। ଆମର ଗୌରବମୟ ଐତିହାସିକ ଅଧ୍ୟାୟ ଗୁଡିକୁ। କିଛି ଅସଜଡା ଜନଶୃତି, ଜନପଦୀୟ କିମ୍ବଦନ୍ତୀ ଆଉ ପୂର୍ବ ପୁରୁଷଙ୍କ ପଦଚିହ୍ନ ଏବଂ ପରିତ୍ୟକ୍ତ ମାଟି ସ୍ତୂପ ମଧ୍ୟରୁ ହଜିଲା ଅତୀତକୁ। ଠାବେ ଠାବେ ପରିତ୍ୟକ୍ତ ପାଉଁଶ ଗର୍ଭରୁ ହଜିଗଲା ଅତୀତର ଗୋଟାଏ କୋଳାହଳମୟ ଅତୀତର କର୍ଦ୍ଦମାକ୍ତ ଜୀର୍ଣ୍ଣଶୀର୍ଣ୍ଣ ରୂପ କଳ୍ପକୁ ରୂପଦେବା ପାଇଁ କୁଜଙ୍ଗ ଗଡର ଉପକଣ୍ଠରେ ଦଣ୍ଡାୟମାନହୋଇ କେତେବେଳେ ବିଶର ମହାନ୍ତି ଅତୀତର ଗର୍ଭକୁ ଚାଲି ଯାଉଛନ୍ତିତ, ପୁଣି ଆଉ କେତେବେଳେ ବ୍ରହ୍ମମଣି ମୁଦିତ ମୃଦଙ୍ଗ ନିକଟକୁ ଚାଲିଯାଇ କାନ୍ଦି କାନ୍ଦି ଲୁହଢାଳୁଛନ୍ତି, ଏଇତ ଓଡ଼ିଆ ଜାତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଏକମାତ୍ର ଆସ୍ଥା, ବିଶ୍ୱାସର ଏକ ମାତ୍ର କର୍ଣ୍ଣଧାର। ଯାହାର ଲୀଳାକୁ ହୃଦୟଙ୍ଗମ କରିବା ପାଇଁ ଓଡ଼ିଆ ଜାତିକୁ ଆହୁରି ଶହ ଶହ ବର୍ଷ ଲାଗିଯିବ କିନ୍ତୁ ବୁଝି ପାରିବନି ଏ ମହାବାହୁଙ୍କର ଅଦ୍‌ଭୂତ ଆଉ କଳ୍ପନାତୀତ ମହାଶକ୍ତିକୁ। ଏହିପରି ଚିନ୍ତା କରି କରି ବିଶର ମୁଗ୍‌ଧ ହୃଦୟରେ ଉପଲବ୍‌ଧି କରୁଛନ୍ତି ଏ ଦିଗନ୍ତ ବିସ୍ତାରି ବିସ୍ତାର ପ୍ରବଣ ନିବିଡ ଅରଣ୍ୟକୁ। କେତେ ମନୋରମ ଦେଖାଯାଉଛନ୍ତି ଆଜି ଅସ୍ତାଚଳଗାମୀ ସୂର୍ଯ୍ୟ। ଏପରି ଅଦ୍‌ଭୂତ ଶୋଭାକୁ ଦେଖି ବିଶର ଆଜି ବିଭୋର ହୋଇ ପଡୁଛନ୍ତି। ଭାବନା ରାଜ୍ୟରୁ ନିଜର ମନକୁ ପ୍ରକୃତିସ୍ଥ କରିବାକୁ ଲାଗିଲେ। ଏ ପଟେ ସନ୍ଧ୍ୟା ନଇଁ ଆସିଲାଣି। ବିଶର ତତ୍ପର ହୋଇ ପଡିଲେଣି ମହାପ୍ରଭୁଙ୍କ ନିକଟରେ ସନ୍ଧ୍ୟା ଆଳତୀ କରିବା ପାଇଁ। ଆଳତୀ ସେବା ସମାପ୍ତ କରି ଗୋଟିଏ ଅଧ୍ୟାୟ ଭାଗବତ ପାଠକଲେ ଏକାଗ୍ର ମନରେ। ଭାଗବତ ପାଠ ସମାପ୍ତ କରି ଧୀର ପଦପାତରେ ଆଦିକନ୍ଦଙ୍କ ଗୃହମଧ୍ୟକୁ ପ୍ରବେଶ କଲେ ବିଶର ମହାନ୍ତି।

ଗୃହର ଅଭ୍ୟନ୍ତରରେ ଆଦିକନ୍ଦ ଗୋଟିଏ ଦୀପ ଜାଳି ଦେଇଛନ୍ତି। ଗୃହ ସମ୍ମୁଖସ୍ଥ ମହାବୀର ବାଟିକାରେ ଅବସ୍ଥାନ କରୁଥିବା ବ୍ରହ୍ମମଣି ମୁଦିତ ମୃଦଙ୍ଗ ନିକଟରେ ଆଜି ନୂତନ ଭାବରେ ପ୍ରଦୀପ ପ୍ରଜ୍ୱଳିତ କରାଯାଇ ଅରଣ୍ୟର କିଛି ଅଂଶକୁ ଅତି ବିଚିତ୍ର ରୂପରେ ଦୃଶ୍ୟମାନ କରାଯାଇଛି। ମହାପ୍ରଭୁ ହନୁମାନଙ୍କ ନିକଟରେ ଆଉ ଏକ ପ୍ରଦୀପ ପ୍ରଜ୍ୱଳିତ କରାଯାଇ ଅରଣ୍ୟର ଶୋଭାକୁ ଆଜି ଦ୍ୱିଗୁଣିତ କରାଯାଇଛି। ଗୃହର ଅଭ୍ୟନ୍ତରରେ ପ୍ରଜ୍ୱଳିତ ପ୍ରଦୀପ ନିକଟରେ ବିଶର ଧ୍ୟାନସ୍ଥ ମୁଦ୍ରାରେ ଦୃଷ୍ଟି ଆବଦ୍ଧ କରିଛନ୍ତି ସେହି ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାମହୀମ ସମ୍ରାଟ ଜଗନ୍ନାଥଙ୍କ ରୂପଲାବଣ୍ୟ ପରିବେଷ୍ଟିତ ଚିତ୍ରକଳ୍ପକୁ। ଆଦିକନ୍ଦଙ୍କ ଗୃହରେ ଅବସ୍ଥାନ କରୁଥିବା ବିଧବା କନ୍ୟା କଳ୍ପନା ପୋଥିଟିଏ ହାତରେ ଧରି ବସିଛି ବିଶରଙ୍କ ସମ୍ମୁଖରେ। ପ୍ରଦୀପ ଆଲୋକର କ୍ଷୀଣ ଆଲୋକ ରେଖା କଳ୍ପନାର ମୁଖମଣ୍ଡଳରେ ପ୍ରତିଫଳିତ ହୋଇ ତା'ର ଗୌର ମୁଖମଣ୍ଡଳଟା ଅତିବିଚିତ୍ର ବର୍ଣ୍ଣବିଭା ସୃଷ୍ଟି କରୁଛି। (କ୍ରମଶଃ)

# ଭାରତର ଚନ୍ଦ୍ରଅଭିଯାନ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଭାରତ ଯେବେଠୁଁ ଚନ୍ଦ୍ରକୁ ମହାକାଶଚାରୀ ପଠାଇବାର ଯୋଜନା କରୁଛି ବୋଲି ଗଣମାଧ୍ୟମରେ ସମ୍ବାଦ ପ୍ରସାର ହେଲା; ତା ପରଠୁଁ ତା ବିରୋଧରେ ସମାଲୋଚନା ଆରମ୍ଭ ହୋଇଗଲାଣି । ସମାଲୋଚକମାନେ କହୁଛନ୍ତି, ଚନ୍ଦ୍ରକୁ ତ ଆମେ ମହାକାଶଯାନ ପଠାଇଲେ । ଜାଣିଲେ ଯେ ସେଠି ପୁଳାଏ ଖାଲଖମା ଛଡ଼ା ଆଉ ସେଠି କିଛି ନାହିଁ । ଆମେରିକାବାଲା ୧୯୬୯ରୁ ସେଠି ଯାଇ ଏହା ଦେଖିଆସିଲେ। ସେଠି ଯାଇ କିଛି ଫାଇଦା ନାହିଁ ବୋଲି ଆଉ ସେମାନେ ସେଠି ଯିବାର ନାଁ ଧରୁ ନାହାନ୍ତି । ଆମ ମହାକାଶଯାନ ବି ସେଇଆ କହିଲା । ଏମିତାବସ୍ଥାରେ ଆମେ ସେଠି ମହାକାଶଚାରୀମାନଙ୍କୁ ପଠାଇ ଲାଭ କଣ ? ଏହାର ଉତ୍ତରରେ କେତେକେ କହନ୍ତି, ଆଗାମୀ କିଛି ବର୍ଷରେ ମହାକାଶ ପର୍ଯ୍ୟଟନର ଏକ ପ୍ରକୃଷ୍ଟ କ୍ଷେତ୍ର ହୋଇଉଠିବ। ଏଲନ ମସ୍କଠୁ ଦେଶୀ କିଛି ଶିଖ। ଲୋକ ପୃଥିବୀର ସବୁ ଜାଗା ଦେଖି ଦେଖି ଚିଟା ହୋଇଗଲେଣି। ସେମାନେ ଟଙ୍କା ଖର୍ଚ୍ଚ କରି ଚନ୍ଦ୍ର ବୁଲିବାକୁ ଯିବେ। ତେଣୁ ଭାରତ ଏଥିକୁ ପ୍ରସ୍ତୁତ ହେବା ଦରକାର।

ଏମାନଙ୍କ ସହିତ ମୁଁ ଏକମତ । ହେଲେ ମହାକାଶଯାତ୍ରା ପ୍ରଚୁର ଖର୍ଚ୍ଚସାପେକ୍ଷ ବ୍ୟାପାର । ସାଧାରଣ ପର୍ଯ୍ୟଟକ ସେତେ ଖର୍ଚ୍ଚ କରିପାରିବନି । ତେଣୁ ଏକ ବିକଳ୍ପ ଭାବରେ ଚନ୍ଦ୍ରପୃଷ୍ଠଟା କେମିତି- ତାହା ଯଦି ଏଇ ଧରାପୃଷ୍ଠରେ ଦେଖାଇ ଦେଇ ହେବ, ତେବେ ବହୁ ପର୍ଯ୍ୟଟକ ତାହା ଦେଖିବାକୁ ନିଶ୍ଚୟ ଆସିବେ। ବର୍ଷାରେ ରାଜ୍ୟର ସାଂସ୍କୃତିକ ରାଜଧାନୀ କଟକ ଓ କ୍ଷମତା ରାଜଧାନୀ ଭୁବନେଶ୍ୱରର ରାସ୍ତା ଘାଟର ଅବସ୍ଥା ଯାହା ହୋଇଛି, ତାହା ଚନ୍ଦ୍ରପୃଷ୍ଠଠାରୁ କିଛି କମ ନୁହେଁ । ବିଶାଳ ବିଶାଳ ଖାଲ ହେଲାଣି ରାସ୍ତାରେ। ସ୍କୁଟର, ମଟରସାଇକଲ ତ ନିଶ୍ଚୟ ଛୋଟ ଆକାରର ଚାରିଚକିଆ ଗାଡ଼ିବି ଖୁସୀରେ ତା ଭିତରେ ଲୁଚିଯାଇପାରିବ । କଟକ ଓ ଭୁବନେଶ୍ୱରର ଏ ରୂପକୁ ବିଜ୍ଞାପିତ କଲେ ଦେଶବିଦେଶରୁ ଏଠି ପର୍ଯ୍ୟଟକମାନେ ମାଡ଼ି ଆସିବେ । ବିଶେଷ କରି ବିଦେଶୀ ପର୍ଯ୍ୟଟକମାନେ । କୋଟି କୋଟି ଡଲର ଖର୍ଚ୍ଚ କରି ଚନ୍ଦ୍ରପୃଷ୍ଠରେ ଖାଲଖମା ଦେଖି ଯିବା ଅପେକ୍ଷା ଅଳ୍ପ ଖର୍ଚ୍ଚରେ କଟକ ଓ ଭୁବନେଶ୍ୱର ରାସ୍ତାରେ ସେମାନେ ତାହା ଦେଖି ପାରିବେ। ଚନ୍ଦ୍ରରେ ପାଣି ନାହିଁ । ଏଠି ପୁଣି ଖାଲ ସହିତ ପାଣି ବି ଦେଖିପାରିବେ । ଫ୍ରି ।

ପାଣି କଥାରୁ ମନେ ପଡ଼ିଲା, ରାସ୍ତାରେ ଏ ଖାଲଗୁଡ଼ିକରେ ଏବେ ବର୍ଷାପାଣି ଜମି ଏମିତି ଅବସ୍ଥା ହୋଇଛି, ଖୁସୀରେ ମାଛଚାଷ ହୋଇପାରିବ । ଲୋକେ ଓଡ଼ିଶାର ମତ୍ସ୍ୟବିଭାଗକୁ ଭାରି ଗାଳି ମନ୍ଦ କରନ୍ତି । ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ମାଛ ନ ଆସିଲେ ତମ ଘରକୁ ଆଇଁଷ ଯିବା ବନ୍ଦ ହୋଇଯାଉଛି । ଲାଜ ମାଡୁନି ! ଏମିତି ସବୁ ମରମଜଳା କଥା କହନ୍ତି। ମୋର ରାଜ୍ୟ ମତ୍ସ୍ୟବିଭାଗକୁ ବିନା କନ୍‌ସଲ୍‌ଟେସନ୍ ଫିରେ ପରାମର୍ଶ: କଟକ ଓ ଭୁବନେଶ୍ୱରର କେତେକ ରାସ୍ତାରେ ଯେତେ ବଡ଼ ବଡ଼ ଗାତ ହୋଇଛି, ସେଥିରେ ବର୍ଷା ଚାରିମାସ ନିଶ୍ଚୟ ପାଣି ଜମି ରହିବ । ଏବେଳରେ ମାଛ ଜାଆଁଳ ଛାଡନ୍ତୁ । ଚାରି ମାସରେ ଖାଇବା ଅବସ୍ଥାରେ ପହଞ୍ଚିଯିବ । ସେତେବେଳେ ଅମଳ କରିବେ । ଲାଭହିଁ ଲାଭ।

ଲାଭ କଥାରୁ ଆଉ ଗୋଟେ କଥା ମନେ ପଡ଼ିଲା । କେତେଜଣ ଖଳଲୋକ କହୁଛନ୍ତି, ରାସ୍ତା ତିଆରିରେ ବୋଧହୁଏ ଗଫଲତି ରହିଛି, ତେଣୁ ତାହା ଅଳ୍ପ ବର୍ଷାରେବି ଭାଙ୍ଗି ଯାଉଛି, ଗାତ ହୋଇଯାଉଛି । ଏପରି ଖଳଲୋକମାନଙ୍କୁ ମୁଁ କହିଦିଏ ଯେ ଏପରି ଜାଣିଶୁଣି କରାଯାଉଛି। ରାସ୍ତା ଖରାପ ହେଲେ ତାହା ଦେଶର ପ୍ରଗତିରେ ସାହାଯ୍ୟ କରିବ । ଆପଣ ପଚାରିବେ, କିପରି ? ଉତ୍ତର ହେଲା : ରାସ୍ତା ତିଆରି ହେଲେ ଅର୍ଥ ବିନିଯୋଗ ହେବ । ସେଥିରେ କର୍ମସଂସ୍ଥାନ ହେବ । ତେଣୁ ଏମିତି ରାସ୍ତା କରା ନ ଯାଉ ଯାହା ଭାଙ୍ଗିବନି । ରାସ୍ତା ଯଦି ଭଲ ରହିଲା, ତେବେ ତାହା ମରାମତି କେମିତି ହେବ ? ରାସ୍ତା ଯେତେ ମରାମତି ହେବ ସେତେ ମଙ୍ଗଳ । ଠିକାଦାରମାନଙ୍କ ମଙ୍ଗଳ, ତାଙ୍କୁ ତଦାରଖ କରୁଥିବା ଅଫିସରମାନଙ୍କ ମଙ୍ଗଳ । ଅଫିସରମାନଙ୍କୁ ତଦାରଖ କରୁଥିବା ମନ୍ତ୍ରୀ ବିଧାୟକମାନଙ୍କ ମଙ୍ଗଳ । ଆଉ କିଏ ନ ଜାଣେ ମନ୍ତ୍ରୀ ବିଧାୟକମାନେ ହେଲେ ଜନସାଧାରଣଙ୍କ ପ୍ରତିନିଧି । ତେଣୁ ସେମାନଙ୍କର ମଙ୍ଗଳ ହେଲେ ଦେଶର ମଙ୍ଗଳ ଆପେ ଆପେ ହୋଇଥାଏ ।

ଭୁବନେଶ୍ୱରର ବହୁ ଇଲାକାରେ ବିଶେଷ କରି ଉଚ୍ଚବର୍ଗର ଲୋକମାନଙ୍କ ବାସସ୍ଥଳୀ ଭାବରେ ଖ୍ୟାତ ସହୀଦନଗରରେ ଯେଉଁ ସୁନ୍ଦର ଗାତ, ଖାଲଖମାମାନ ତିଆରି ହୋଇଛି, ସେଥିରେ ରାସ୍ତାକୁ ତିଆରି କରିଥିବା କରିତ୍‌କର୍ମାମାନଙ୍କ ବ୍ୟତିତ ଏଠାକାର ବହୁ ଅଧିବାସୀଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କ କଥା ଉଲ୍ଲେଖ ନ କଲେ ମୁଁ ଘୋର ଅପରାଧ କରି ବସିବି । ଏଠାକାର ବହୁ ଅଧିବାସୀ ନିଜ ନିଜ ଘର ସାମ୍ନା ଡ୍ରେନଗୁଡ଼ିକ ପୋତିଦେଇଛନ୍ତି । ତା ଉପରେ ସେମାନେ ଘର ତିଆରି କରିଛନ୍ତି, ଗ୍ୟାରେଜ୍ କରିଛନ୍ତି, ଦୋକାନଘର କରି ଭଡ଼ା ଲଗେଇଛନ୍ତି । କେହି କେହି ବା ତାକୁ ତାରବାଡ଼ ଦେଇ ଘେରି କିଚେନ୍ ଗାର୍ଡେନ କରିଛନ୍ତି। ବାଇଗଣ, ଟମାଟୋ, ନେଉଟିଆ ଶାଗ ଲଗେଇଛନ୍ତି । ମୋଟାମୋଟି ଭାବେ କହିଲେ ଡ୍ରେନଗୁଡ଼ିକୁ ଧରାପୃଷ୍ଠରୁ ନାହିଁ କରିଦେଇଛନ୍ତି । ଫଳରେ ବର୍ଷାପାଣି, ମଇଳା ପାଣି ଡ୍ରେନବାଟେ ନଯାଇ ଏବେ ରାସ୍ତା ଉପରେ ଚାଲେ । ଫଳରେ ରାସ୍ତା କଡ଼ ମାଟି ଖାଇଯାଏ । ପିଚୁ ଖାଇଯାଏ । ପ୍ରଥମେ ଛୋଟ ଗାତ, ତହୁଁ ବଡ଼ ଗାତ ତାପରେ ଖାଲ ଏବଂ ତାପରେ ଗାଡ଼ିଆ ସାଇଜର ଖାଲ ହେବାକୁ ଲାଗେ।

ମୋର କହିବା କଥା ଏଠି ଲୋକ ଡ୍ରେନଗୁଡ଼ିକ ପୋତି ମ୍ୟୁନିସିପାଲିଟିର, ମତ୍ସ୍ୟ ବିଭାଗର ଏବଂ ପର୍ଯ୍ୟଟନ ବିଭାଗର ଅଶେଷ ଉପକାର କରିଛନ୍ତି । ସେମାନଙ୍କର ଜୟ ହେଉ । ଯେଉଁ ଡ୍ରେନଗୁଡ଼ିକ ଏବେବି କେମିତି କରି ଅବଶିଷ୍ଟ ରହିଛି ତାହାକୁବି ତୁରନ୍ତ ସରକାରୀ ଖର୍ଚ୍ଚରେ ପୋତି ଦିଆଯାଉ । ଟୁ-ଇନ୍-ଓ୍ୱାନ୍‌ର ଜମାନା ଚାଲିଛି । କଟକ ଓ ଭୁବନେଶ୍ୱରରେ ଥ୍ରି-ଇନ୍-ଓ୍ୱାନ୍ ଯୋଜନା କରାଯାଉ । ରାସ୍ତାଟା ଟ୍ରିପଲ୍ ପରପସ୍‌ରେ ବ୍ୟବହାର ହେଉ । ରାସ୍ତାବି, ଡ୍ରେନ୍‌ବି, ଗାଡ଼ିଆବି ।

# ରାଜନୀତି, ବୈଦ୍ୟୁତିକ ଗଣମାଧ୍ୟମ ଓ ଯୁବଗୋଷ୍ଠୀ

ଡ଼. ମନୋଜ କୁମାର ମହାନ୍ତି
ବିଭାଗୀୟ ମୁଖ୍ୟ, ଦର୍ଶନ ବିଭାଗ,
ବି. ଏନ. ଏମ. ଏ ମହାବିଦ୍ୟାଳୟ
ମୋ:୮୮୯୫୩୪୧୦୩୩

ପରାଧିନତାର ଅନ୍ଧକାରରୁ ମୁକ୍ତିପରେ ଭାରତ ଗଣତନ୍ତ୍ର ପ୍ରତିଷ୍ଠା କରି ଦେଶକୁ ସୁଶାସନ ଦେବା ଲକ୍ଷ୍ୟରେ ଲାଗିପଡିଲା। ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଚାରିଗୋଟି ସ୍ତମ୍ଭ ମାଧ୍ୟମରେ ସାଧାରଣ ଜନତାଙ୍କୁ ନ୍ୟାୟ ଦେବାକୁ ସ୍ଥିରକଲା। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ; ପ୍ରମୁଖ ଗଣତାନ୍ତ୍ରିକ ସ୍ତମ୍ଭକୁ ଦେଶର ସମସ୍ତ ନିୟମ ଯୋଜନା, ସାମାଜିକ ସମସ୍ୟା ଓ ସମାଧାନର ପନ୍ଥାଭାବେ ଗ୍ରହଣ କରାଗଲା। ରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏହି ଚାରିସ୍ତମ୍ଭ ମାଧ୍ୟମରେ ଉପସ୍ଥାପନ କରାଯିବାର ଆବଶ୍ୟକତାକୁ ଅନୁଭବ କରି ତାହାକୁ ଅମଳକ୍ଷମ କରାଇବା ଲକ୍ଷ୍ୟରେ ଗଣତନ୍ତ୍ର ଲାଗିପଡିଲା। ଦେଶରେ ସୁଶାସନ ପ୍ରତିଷ୍ଠା ପାଇଁ ଏହି ଚାରିସ୍ତମ୍ଭ ନିଜନିଜର ଗୁରୁଦାୟିତ୍ୱ ବହନକରି ପ୍ରତ୍ୟେକ ପରିସ୍ଥିତିରେ ନିଜସ୍ୱ ଆଭିମୁଖ୍ୟକୁ ବଜାଇ ରଖିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହେଲେ। ଏହା ସହ ସ୍ୱଚ୍ଛ, ନିର୍ମଳ, ନିରପେକ୍ଷତା ଓ ନିର୍ଭୀକତାର ପ୍ରତୀକଭାବେ ଦେଶର ନାଗରିକଙ୍କୁ ଉଚିତ୍ ନ୍ୟାୟଦେବା ଲକ୍ଷ୍ୟରେ ଚାରିସ୍ତମ୍ଭ କାର୍ଯ୍ୟ କରିବ। ବ୍ୟବସ୍ଥାପିକାର ସମସ୍ତ ଆଇନକାନୁନକୁ ଉତ୍ତରଦାୟିତ୍ୱଭାବେ କାର୍ଯ୍ୟପାଳିକା ଗ୍ରହଣ କରି ତାକୁ ସଠିକରୂପେ ରୂପାୟନ ସହ ଆଇନକୁ ବ୍ୟବସ୍ଥାପିକା ଓ ସର୍ବସାଧାରଣ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ନୀତିକୁ କାର୍ଯ୍ୟକ୍ଷମ କରିବ। କାର୍ଯ୍ୟପାଳିକାର ନୀତି ଓ କର୍ମପଦ୍ଧତିକୁ ତର୍ଜମା ସହ ନ୍ୟାୟିକ ଦୃଷ୍ଟିରୁ ରାଷ୍ଟ୍ର ତଥା ନାଗରିକମାନଙ୍କ ପାଇଁ କେତେଦୂର ଯଥାର୍ଥ ଓ ସ୍ୱାଗତଯୋଗ୍ୟ ତାହା ନିର୍ଦ୍ଧାରଣ କେବଳ ନ୍ୟାୟପାଳିକା ହାତରେ ନ୍ୟସ୍ତ। ଏସବୁ ସତ୍ତ୍ୱେ ଚତୁର୍ଥନେତ୍ର ହୋଇ ସଦାସର୍ବଦା ଜାଗ୍ରତପ୍ରହରୀ ଭାବେ ରାଜଧାନୀରୁ ଗାଁ ଗଳିରୁ ତଥ୍ୟ ସଂଗ୍ରହରେ ଲାଗିରହିଥାଏ ଗଣମାଧ୍ୟମ। ଖବରକାଗଜ, ପତ୍ରପତ୍ରିକା, ବେତାର ଓ ବୈଦ୍ୟୁତିକ ଗଣମାଧ୍ୟମ ଯାହା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ବିଶ୍ୱାସନୀୟତାର ସେତୁ ସ୍ଥାପନ କରିଥାଏ। ଗଣମାଧ୍ୟମକୁ ସମାଜର ପ୍ରତିଛବି ଓ ଦର୍ପଣଭାବେ ଗ୍ରହଣ କରାଯାଇଛି। ଦେଶର ନାଗରିକ ହିସାବରେ ଦେଶର ସ୍ଥିତି, ଅର୍ଥନୀତି, ସୁରକ୍ଷା, ପ୍ରଗତି ସରକାରଙ୍କ କାର୍ଯ୍ୟକଳାପ, ସାଧାରଣ ଜନତାଙ୍କ ସମସ୍ୟାକୁ ବିନା ପକ୍ଷପାତରେ ନିର୍ଭୀକ ଭାବରେ ଉପସ୍ଥାପନ କରିବା ଗଣମାଧ୍ୟମର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ। ସମାଜରୁ ସୂଚନା ସଂଗ୍ରହକରି ପୁନଃଶ୍ଚ ସମାଜକୁ ପ୍ରେରଣ କରିବା ଗଣମାଧ୍ୟମର ପ୍ରମୁଖ କାର୍ଯ୍ୟ। ପରବର୍ତ୍ତୀ ସମୟରେ ଗଣମାଧ୍ୟମରେ ମନୋରଞ୍ଜନ, ଶିକ୍ଷା, ଭାଷାସାହିତ୍ୟ, କୃଷିବିଜ୍ଞାନ, ସାଂସ୍କୃତିକ, ଧାର୍ମିକ କାର୍ଯ୍ୟକ୍ରମ ଓ କ୍ରୀଡା ଆଦିକୁ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରାଗଲା । ପ୍ରକୃତିର ପରିବର୍ତ୍ତନ ସହ ମଣିଷର ପରିବର୍ତ୍ତନ ହେବା ସ୍ୱାଭାବିକ କଥା। ଯେଉଁ ଗଣମାଧ୍ୟମକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା ସେଇ ଗଣମାଧ୍ୟମ ସମୟଚକ୍ରରେ ନିଜରୂପ ବଦେଇଲେବାରେ ଲାଗିଲା। ତାର ପୃଷ୍ଠପୋଷାକ ସାଜିଲେ କିଛି ରାଜନୈତିକ ନେତୃବୃନ୍ଦଗଣ। ଭାରତରେ ଭିନ୍ନଭିନ୍ନ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳର ଉତ୍ପତ୍ତି ସହ ନେତା ନିର୍ବାଚନର ପର୍ବ ଆରମ୍ଭ ହେଲା। ପ୍ରତ୍ୟେକ ରାଜନୈତିକ ଦଳ ସେମାନଙ୍କର ରାଜନୈତିକ ପ୍ରଚାରପ୍ରସାର ପାଇଁ ଗଣମାଧ୍ୟମକୁ କଲେ ଶ୍ରେଷ୍ଠମାଧ୍ୟମ। ନିଜର ଜୟଗାନ ସହ ପ୍ରତିଦ୍ୱନ୍ଦ୍ୱୀ ତଥା ବିରୋଧି ଦଳର ଦୋଷଦୁର୍ବଳତାକୁ ସମାଲୋଚନା। ନିର୍ବାଚନ ପୂର୍ବରୁ ଆରମ୍ଭ ହୁଏ ରାଜନୀତିରେ ଖୁବ୍ ପ୍ରଚାରପ୍ରସାର ସହ ବିରୋଧି ଦଳର ଦୁଷ୍ପ୍ରଚାର। ଶାସନଗାଦିରୁ ହଟେଇ ନିଜେ ଅଧିଷ୍ଠିତ ହେବା ସହ ବିପକ୍ଷକୁ ପରାଜୟର ସ୍ୱାଦ ଚଖେଇବାକୁ ସେମାନେ ପ୍ରାଣପ୍ରଣେ ଲାଗିପଡ଼ନ୍ତି।

ବିରୋଧି ଦଳର ସଦାସର୍ବଦା ଚେଷ୍ଟା ଶାସକଦଳର କାର୍ଯ୍ୟକଳାପକୁ ତଦାରଖ କରିବା ସହିତ ଦୋଷଦୁର୍ବଳତାକୁ ଗଣମାଧ୍ୟମ ଦ୍ୱାରା ଲୋକଲୋଚନକୁ ଆଣିବା। ଯାହାଦ୍ୱାରା ଶାସକଦଳର ଆଧିପତ୍ୟକୁ ସମ୍ପୂର୍ଣ୍ଣରୂପେ ଧରାଶାୟୀ କରି ନିଜ ରାଜନୈତିକ କାର୍ଯ୍ୟଦକ୍ଷତାର ପ୍ରଶଂସା ସହ ପ୍ରତିଷ୍ଠା ଅର୍ଜନ କରିବା। ଶିକ୍ଷ୍ୟା-ସ୍ୱାସ୍ଥ୍ୟ-ବାସଗୃହ, ଆତ୍ମନିଯୁକ୍ତି, ନାରୀ ସୁରକ୍ଷା, ଶିଶୁ ଓ ମାତୃ କଲ୍ୟାଣ, ଖାଦ୍ୟାଭାବ, ପରିବେଶ ସୁରକ୍ଷା, ସୁଶାସନ, ନିୟମକାନୁନ୍ ବନ୍ଦୋବସ୍ତ, କଳାସଂସ୍କୃତି, ପ୍ରାକୃତିକ ଦୁର୍ବିପାକ, ଖଣିଜ ପଦାର୍ଥର ସୁବିନିଯୋଗ, ରାସ୍ତାଘାଟ ଉନ୍ନତିକରଣ, ବିଦ୍ୟୁତ ପ୍ରକଳ୍ପ, ପଞ୍ଚାୟତରାଜ, ମୃର୍ତ୍ତିକା ଓ ଜଙ୍ଗଲ ସଂରକ୍ଷଣ, ପ୍ରାଚୀନ ଜୀର୍ଣ୍ଣଶୀର୍ଣ୍ଣ ଐତିହାସିକ ସ୍ଥାନର ନବୀକରଣ ଏ ସବୁ ଶାସକଦଳର ମୁଖ୍ୟକାର୍ଯ୍ୟ । ସାମାଜିକ ସମସ୍ୟାର ସମାଧାନ କେତେଦୂର କାର୍ଯ୍ୟକାରୀ ଓ ଫଳପ୍ରଦ ହେଉଛି ତାର ତାଦରଖ କରିବା ବିରୋଧୀ ଦଳର ଗୁରୁଦାୟିତ୍ୱ। ଅନ୍ୟପକ୍ଷରେ ଗଣତାନ୍ତ୍ରିକ ସରକାରର କାର୍ଯ୍ୟକଳାପକୁ ସର୍ବସାଧାରଣଙ୍କ ନିକଟରେ ସଠିକ୍ ତଥ୍ୟ ଓ ଚିତ୍ର ମାଧ୍ୟମରେ ଉପସ୍ଥାପନ କରିବା ଗଣମାଧ୍ୟମରେ ନୈତିକ ଦାୟିତ୍ୱ। ଉଭୟ ରାଜନୈତିକ ଦଳ ଓ ଗଣମାଧ୍ୟମକୁ ନେଇ ଯେଉଁ ଆଶାପୋଷଣ କରାଯାଉଥିଲା ପରବର୍ତ୍ତୀ ସମୟରେ ତାହା ଧିରେଧିରେ ବିପରୀତଭିମୁଖୀ ହେବାରେ ଲାଗିଛି। ଏବେ ମାଳମାଳ ଖବରକାଗଜ ଓ ବୈଦ୍ୟୁତିକ ଟିଭି ଚେନେଲ୍। ଗୋଟିଏ ମୁଖ୍ୟ ଖବରକୁ ଖଣ୍ଡଖଣ୍ଡ କରି ପାଞ୍ଚଗୋଟି ସୁପରଫାଷ୍ଟ ଖବରଭାବେ ପ୍ରସ୍ତୁତି କରିବାରେ ଚେନେଲ ସମୂହ ସିଦ୍ଧହସ୍ତ। ଭାରତ ବର୍ଷରେ ଖବରକାଗଜ ଓ ପତ୍ରପତ୍ରିକା ସହ ବୈଦ୍ୟୁତିକ ଗଣମାଧ୍ୟମର ଚାହିଦା ବୃଦ୍ଧି ହେବାରେ ଲାଗିଛି। ଏବେ ଗଳିଗଳିରେ ଖବର ଚ୍ୟାନେଲ ପ୍ରତିଷ୍ଠା କରି କୌଣସି ନା କୌଣସି ଖବରକୁ ପ୍ରସାର କରାଯାଉଛି। ଅଧିକାଂଶ ବୈଦ୍ୟୁତିକ ଗଣମାଧ୍ୟମ ଖଣ୍ଡେଖଣ୍ଡେ ମାଇକ୍ରୋଫୋନ ଧରି ମୋବାଇଲ ମାଧ୍ୟମରେ ତଥ୍ୟ ଓ ବାର୍ତ୍ତା। ଗୋଟେଇବାରେ ବ୍ୟସ୍ତ। ଖବର ପୁଣି କାହା ସ୍ତ୍ରୀର କେଉଁ ପରପୁରୁଷ ସହ ପରକୀୟା ପ୍ରୀତି ତ କା ଝିଅ ଅପ୍ରାପ୍ତ ବୟସରୁ ମାତୃତ୍ୱପ୍ରାପ୍ତି । କେଉଁ ଚଳଚିତ୍ରର ନାୟିକା କେଉଁ ଅନ୍ତର୍ବସ୍ତ୍ର କେତେ ଆକୃତିର ପିନ୍ଧିନ୍ତି ତାହା ହିଁ ଆଜିର ବୈଦ୍ୟୁତିକ ଗଣମାଧ୍ୟମର ଖବର। ପାଣିରେ ବୁଡିଯାଉଥିବା ଲୋକଟିକୁ ଉଦ୍ଧାର କରିବା ପରିବର୍ତ୍ତେ ତା ମୁହଁରେ ମାଇକ୍ରୋଫୋନ ଗେଞ୍ଜି ପ୍ରଶ୍ନ ପଚରା ଯାଉଛି ଓ ରେକେଡିଂ କରାଯାଉଛି, ଏବେ ଆପଣଙ୍କୁ କେମିତି ଲାଗୁଛି ? ସରକାର ଓ ସାଧାରଣ ଲୋକଙ୍କୁ କଣ କହିବେ? ସରକାରଙ୍କୁ କିପ୍ରକାର ସହାୟତା ନିବେଦନ କରିବେ ବୋଲି ଭାବୁଛନ୍ତି? ଖାଲି ସେତିକି ନୁହେଁ ନିଆଁରେ ପୋଡ଼ିଯାଉଥିବା ଲୋକଟିକୁ ମଧ୍ୟ ପଚରା ଯାଉଛି ଆପଣଙ୍କ ଦେହରେ କିପରି ନିଆଁ ଲାଗିଲା? ନିଆଁ ଲାଗିଲାପରେ ଆପଣ କଣ ଅନୁଭବ କରୁଛନ୍ତି ? ଏହା ଖବର ସଂଗ୍ରହର ଶ୍ରେଷ୍ଠ ମାଧ୍ୟମ ପାଲଟି ଯାଇଛି। ମାନବିକତା ଓ ନୈତିକ ଦାୟିତ୍ୱ ବଦଳରେ ନିଜ ଚେନେଲର ଶସ୍ତା ଲୋକପ୍ରିୟତା ହାସଲରେ ପ୍ରାୟ ସବୁ ବୈଦ୍ୟୁତିକ ଗଣମାଧ୍ୟମ ବ୍ୟସ୍ତ। ପ୍ରତ୍ୟେକ ରାଜନୈତିକ ଦଳ ନିଜର ପ୍ରଚାରପ୍ରସାର ନିମନ୍ତେ ଖବକାଗଜ କିମ୍ବା ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ କିଛି ନିର୍ଦ୍ଦିଷ୍ଟ ଘଟଣାକୁ ରାଜନୈତିକ ରୂପଦେଇ ଅପପ୍ରଚାର କରିବାରେ ମାହିର। ଆଜିର ଗଣମାଧ୍ୟମ ବାସ୍ତବତା ଅପେକ୍ଷା କୃତ୍ରିମତାକୁ ଅଧିକ ଧ୍ୟାନ ଦେଉଛନ୍ତି। ଟିଆର୍ପି ପାଇବା ଆଶାରେ ସେଇ ଛୋଟିଆ ଖବରକୁ ସକାଳରୁ ମଧ୍ୟରାତି ଯାଏ ବାରମ୍ବାର ଉପସ୍ଥାପନ କରାଯାଇଥାଏ। କିଛି ଘଟଣାକୁ ଗୋଟେ ପାର୍ଶ୍ୱରୁ ମନ୍ତବ୍ୟକୁ ନେଇ ପ୍ରସ୍ତୁତ ଖବର ଓ ତାକୁ ବିକୃତକରି ଉପସ୍ଥାପନ କରିବା ସାମାଜିକ ଗଣମାଧ୍ୟମ ଓ ରାଜନୈତିକ ପରିଭାଷା। ବୈଦ୍ୟୁତିକ ଗଣମାଧ୍ୟମରେ ସେମାନଙ୍କର ପ୍ରମୁଖ ଖବର 'ଶୋ' ମାଧ୍ୟମରେ ରାଜନୈତିକ ନେତାମାନଙ୍କ ଉପସ୍ଥିତିରେ ଦେଶର ଯେଉଁ ଗମ୍ଭୀର ବିଷୟକୁ ଆଲୋଚନା କରିବା କଥା ସେ ବିଷୟରୁ ଓହରି କେଉଁ ବେକାର ଚର୍ଚ୍ଚାରେ ଲାଗିପଡ଼ନ୍ତି। ଯେଉଁ ବ୍ୟକ୍ତିକୁ ୟୁସିସିର ଫୁଲ୍-ଫର୍ମ ବିଷୟରେ ଧ୍ୟାନଧାରଣା ନାହିଁ, ସେମାନଙ୍କୁ ତର୍କବିତର୍କ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରି ଆଭ୍ୟନ୍ତରୀଣ ସୁରକ୍ଷା ଭଳି ସଂବେଦନାମୂଳକ ବିଷୟର ଚର୍ଚ୍ଚା କରିବା ଏକ ହାସ୍ୟସ୍ପଦ ବିଷୟ। ରାଜନୈତିକ ଦଳର ଚାପରେ ବୈଦ୍ୟୁତିକ ଗଣମାଧ୍ୟମ କିଛି ଘଟଣାକୁ ଏପରି ଉପସ୍ଥାପନ କରିଥାନ୍ତି, ତାହା ବାସ୍ତବିକତାଠାରୁ ଢେ଼ର ଦୂରରେ। ରାଜନୈତିକ ଉଷ୍ମତାରେ ଉତକ୍ଷିପ୍ତ ହୋଇ ଯୁବଗୋଷ୍ଠୀମାନେ ବୈଦ୍ୟୁତିକ ଗଣମାଧ୍ୟମ ସମ୍ମୁଖରେ ଯେଉଁଭଳି ବିକ୍ଷୋଭ ପ୍ରଦର୍ଶନ କରନ୍ତି, ତାହା ସ୍ପଷ୍ଟଭାବେ ରାଜନୈତିକ ଦଳର ସୁନିୟୋଜିତ ଯୋଜନା। ଆମ ଦେଶର ଅଧିକାଂଶ ଯୁବଗୋଷ୍ଠୀ ରାଜନୀତି ଓ ସାମାଜିକ ଗଣମାଧ୍ୟମ ସହ ଏତେ ମାତ୍ରାରେ ଜଡ଼ିତ ଯେ କୌଣସି ଘଟଣାର ସତ୍ୟତାକୁ ସଠିକ୍ ଭାବେ ନବୁଝି ନଜାଣି କିଛି ଘଟଣାକୁ କିମ୍ଭୁତାକାର କରି ସାମାଜିକ ଗଣମାଧ୍ୟମରେ ଭାଗିଦାର ଏହା ସ୍ୱାଧୀନ ମତବ୍ୟକ୍ତ ନୁହେଁ ବରଂ ତିଲକୁତାଳ କରିବା ସଦୃଶ। ଭାରତ ସହ ବିଶ୍ୱରେ ଯୌନନିର୍ଯାତନା ଓ ଯୌନଶୋଷଣ ଘଟଣା କିଛି ନୂଆକଥା ନୁହେଁ। କିନ୍ତୁ ତାର ଉପଯୁକ୍ତ ତଦନ୍ତ ନକରି ତାକୁ ବିକୃତ ଓ ବିସ୍ତୃତଭାବେ ଉପସ୍ଥାପନା କରିବା କଣ ବୈଦ୍ୟୁତିକ ଗଣମାଧ୍ୟମର ଦାୟିତ୍ୱ କି? ଏମିତି ଶହଶହ ଘଟଣା ଘଟୁଛି ଏବଂ ତାକୁ ରାଜନୈତିକ ରୂପଦେଇ ଗଣମାଧ୍ୟମରେ କିଛିଦିନ ଖୁବ୍ ପ୍ରଚାରପ୍ରସାର ସହ ନେତାମନ୍ତ୍ରୀ ଓ ପୋଲିସଙ୍କ ଧାଆଁଧପଡ଼, କିଛି ରାଜନୈତିକ ଛାତ୍ର ସଂଗଠନର ଧର୍ମଘଟ, ଉତ୍ତେଜନା ଓ ପୋଡ଼ାଜଳା ପୁଣି କିଛିଦିନ ପରେ ସବୁକିଛି ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ଗଣମାଧ୍ୟମ କେବେ ଶାସକ ଦଳର ପ୍ରଶଂସାରେ ଲିପ୍ତ ରହୁଥିବା ବେଳେ ଆଉ କିଛି ବିରୋଧି ଦଳକୁ ମୋହରା କରି ଶାସକଦଳର ବିରୋଧାଭାସର ସ୍ୱର ଉତ୍ତୋଳନ କରନ୍ତି। ପ୍ରତ୍ୟେକ ଖବରକୁ ରାଜନୈତିକ ରୂପଦେବା ଗଣମାଧ୍ୟମରେ ଏକପ୍ରକାର ସ୍ୱଭାବ ପାଲଟିଗଲାଣି। ରାଜନୈତିକ ଦଳ, ଯୁବଗୋଷ୍ଠୀଙ୍କୁ ସାମନାରେ ରଖି ଯାହାସବୁ କରୁଛି ତାହା ଯୁବସମାଜ ପାଇଁ ଉଚିତ୍ ମାର୍ଗ ନୁହେଁ। ପୁନଶ୍ଚ ଗଣମାଧ୍ୟମ ଯାହା ପ୍ରତିଫଳିତ କରୁଛି ତାହା ଲୋକମାନଙ୍କର ଆଶାବିଶ୍ୱାସକୁ ହ୍ରାସ କରିବାରେ ଲାଗିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଭାବକୁ ନିକଟ..

ରତ୍ନକାନ୍ତି ମିଶ୍ର

'ତୋ ବୋଉ କେତେ ପୂଣ୍ୟ କରିଥିଲା କେଜାଣି ? ବିନା ଭୋଗାଭୋଗରେ ଚାଲିଗଲା ସ୍ୱର୍ଗକୁ ।ବାଜି ମାରିଲା ଭଳିଆ କହିଥିଲା ମୋ ଠୁ ଆଗ ଯିବ ବୋଲି ତ ସତକୁ ସତ ଚାଲିଗଲା । ହେଲେ ତୋତେ ଯାହା ହଇରାଣ କରିଗଲା । ପୁଅ କଥା ଟିକିଏ ଚିନ୍ତା କଲାନି । ନିଜେ ବାଟ କାଟିଲା ।'

ସକାଳୁ ସକାଳୁ ବିନୟ ତା ନିଜ କାମ ଆଉ ବାପାଙ୍କ କାମ ସାରୁଥିଲା ତରତର ହୋଇ । ତାରି ପାଇଁ ହିଁ ବାପା ଏମିତି ବ୍ୟସ୍ତ ହେଉଛନ୍ତି ବୋଲି ବୁଝି ପାରୁଥିଲା ବିନୟ । ବାପାଙ୍କ ଦେହ ଟିକେ ବେଶୀ ଖରାପ ହେଲେ ଏମିତି କହନ୍ତି । ଏମିତି ତ ପକ୍ଷାଘାତ ସହ ଲଢୁଛନ୍ତି ବୋଉ ଯିବା ଆଗରୁ ।

-' କେତେବେଳେ ଆଉ ବାହାରିବୁ ? ମୋ ପାଇଁ ଯାହା ଘାଣ୍ଟି ହେଉଛୁ ଅଯଥାରେ । ହେଉ ଯାଉଛୁ ଯଦି ମୋ ପାଇଁ ମୁକ୍ତି ମାଗିବୁ ଠାକୁରଙ୍କୁ । କହିବୁ ତୋ ବାପାକୁ ଆଉ ହନ୍ତସନ୍ତ ନକରାନ୍ତୁ । ମୋ ଗୁହାରି ତ କାଳିଆ ସାଆନ୍ତେ ଶୁଣୁ ନାହାନ୍ତି । କାଳେ ତୋ କଥା ଶୁଣିବେ ।' ବାପାଙ୍କ ଆଖିରେ ଲୁହ ଟଳମଳ କରୁଥିବାର ଦେଖିଲା ବିନୟ ।

ବିନୟ ଚୁପ ରହିଲା । ଗୋଟାଏ ଦୀର୍ଘଶ୍ୱାସ ବାହାରିଆସିଲା ତା ଛାତି ତଳୁ । ଚାରିବର୍ଷ ହୋଇଗଲା ବାପାଙ୍କର ବିଛଣାରେ ପଡ଼ିବାର । ବିନୟ ସବୁବେଳେ ଚେଷ୍ଟା କରୁଛି ବାପା ଯେମିତି ଏକଲାପଣ ଅନୁଭବ ନକରନ୍ତୁ । ଅନୁଭବ ନକରନ୍ତୁ ପକ୍ଷାଘାତ ତାଙ୍କୁ ଦୀର୍ଘ ଦିନ ଧରି ଅକର୍ମଣ୍ୟ କରିଦେଇଛି ସତ, କିନ୍ତୁ ତାଙ୍କ ସେବା ଶୁଶ୍ରୁଷାରେ କିଛି କମ ହେଉନି । ଅନୁଭବ ନକରନ୍ତୁ ସେ ଏତେ ଅସହାୟ ବୋଲି । ରଘୁ କକା ଅନବରତ ତାଙ୍କୁ ଛାଇ ପରି ଜଗି ରହିଛନ୍ତି । ତାଙ୍କୁ ଭଲ କରିବାକୁ ସବୁ ପ୍ରକାର ଚେଷ୍ଟା କରି ଚାଲିଛି ବିନୟ ।

ତେବେ ଆଜି ବିନୟ ପୁରୀ ବାହାରିଲା ବେଳେ ବାପାଙ୍କର ଏ ଅଭିମାନ ।

ମନକୁ ତା'ର ଆନ୍ଦୋଳିତ କରୁଥିଲା ବାପାଙ୍କର କଥା । କ'ଣ କହିବ ଠାକୁରଙ୍କୁ, ବାପାଙ୍କୁ ଶୀଘ୍ର ନେଇଯାଅ । ଏ ସଂସାର ସମୁଦ୍ରରୁ ତାଙ୍କୁ ପାରି କରିଦିଅ । ତାଙ୍କୁ ମୁକ୍ତି ଦେଇ ମୋତେ ଅନାଥ କରିଦିଅ । କେଉଁ ପୁଅ ବା ଚାହିଁବ ବୋଉ ପରେ ପରେ ପୁଣି ତା ବାପା ତା ଠାରୁ ସବୁଦିନ ପାଇଁ ଦୂରେଇ ଯାଆନ୍ତୁ ?

ସଦା ଈଶ୍ୱର ବିଶ୍ୱାସୀ, ପରୋପକାରୀ ଲୋକଙ୍କ ପାଇଁ ଈଶ୍ୱର ପୁଣି ଏଇ ଦଣ୍ଡ ଦେଲେ ? ଏହି ଚାରିବର୍ଷ ଧରି ବାପା ଶଯ୍ୟାଶାୟୀ ହେଲାପରେ ବିନୟ ଅନେକ ଥର ଚିନ୍ତା କରିଛି ଈଶ୍ୱରଙ୍କ ଦୃଷ୍ଟିରେ ବାପା କି ଦୋଷ କରିଛନ୍ତି ଯେ ଯାହାପାଇଁ ତାଙ୍କର ଆଜି ଏ ଅବସ୍ଥା । କିଛି ଉତ୍ତର ପାଇନି ।

ବଡ଼ଦେଉଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲାବେଳେ ସେ ଏତେ ଭାବ ବିହ୍ୱଳ ହୋଇ ଗଲା ଯେ, ସବୁକିଛି ଭୁଲିଗଲା ।ଚକା ଆଖିକୁ ଚାହୁଁ ଚାହୁଁ ବାକରୁଦ୍ଧ ହୋଇଗଲା । ମନକୁ ଆଉ କିଛି ଆସିଲା ନାହିଁ । କିଛି ବି ଭାବନା ମୁଣ୍ଡରେ ପଶିଲା ନାହିଁ । ସେ କେଉଁଠି ଯେମିତି ହଜାଇଦେଲା ନିଜକୁ ! ଜାଣି ପାରିଲାନି କେତେବେଳେ ଆଖିକୁ ଲୁହ ଆସି ଯାଇଛି, କେତେବେଳେ ଆଖି ବୁଜି ହୋଇଯାଇଛି । ଜଣେ କିଏ ତାକୁ ପଛରୁ ଠେଲି ଦେଇ କହିଲା : କେତେ ସମୟ ଏଠି ଛିଡା ହୋଇଥିବ । ଅନ୍ୟମାନେ ଦର୍ଶନ କରିବେ ନା ତୁମେ ଏକା ଦର୍ଶନ କରିବାକୁ ଆସିଛ ?

ସେ ମନ୍ଦିର ଭିତରୁ ଆସୁ ଆସୁ ମନେ ମନେ ଅଭିମାନ କରି କହିଲା : ମୋତେ ତଡିଦେଲୁନା ! ତୋତେ ଟିକେ ମନ ପୁରାଇ ଦେଖିବାକୁ ବି ଦେଲୁନି ?'

ଘରେ ଆସି ପହଁଚିଲା ବେଳକୁ ରାତି ଦଶ । କୁଡୁଆରେ ଆଣିଥିବା ମହାପ୍ରସାଦରୁ ଟିକିଏ ବାପାଙ୍କୁ ଖୁଆଇଦେଲା ।

ବାପା ପଚାରିଲେ : କହିଲୁ ମୋ କଥା ?

: ' କିଛି ବି କହିପାରିଲିନି । ତାଙ୍କ ଆଖିକୁ ଦେଖୁ ଦେଖୁ ସବୁ ଭୁଲିଗଲି ବାପା !' କୋହଭରା କଣ୍ଠରେ କହିଲା ବିନୟ ।

ଦୀର୍ଘଶ୍ୱାସ ଛାଡି ବାପା କହିଲେ : ହେଉ, ତା'ର ଯାହା ଇଛା ।

ଘରର ଗୋଟିଏ କୋଠରୀରେ ଏପଟ ସେପଟ ପଡ଼ିଥିବା ଦୁଇଟି ଖଟରୁ ଗୋଟିକରେ ବାପା,ଆରଟିରେ କେହି ଜଣେ ।ବୋଉ ଥିଲା ବେଳେ ବୋଉ ଆଉ ତାପରେ ବିନୟ ।କେବେ କେବେ ରଘୁ କକା । ଏମିତି ଚାରିବର୍ଷ ଧରି ଚାଲିଛି । ରାତିରେ ଥରେ ଦୁଇଥର ବାପା ଡାକନ୍ତି । ରାତିସାରା ଘର ଭିତରେ ଗୋଟାଏ ଜିରୋ ଲାଇଟ ଜଳୁଥାଏ । ୟୁରିନାଲ ପ୍ୟାନ ଆଣି ତାଙ୍କୁ ଉଠାଇ ବସାଇବାକୁ ହୁଏ ପ୍ୟାନ ଉପରେ । ଆଜି ରାତିରେ ବି ସେ ଡାକିଲେ । ବିନୟ ଉଠି ଲାଇଟ ଦେଇ ଦେଖେତ ମୁହଁ ସାରା ତାଙ୍କର ଝାଳ । ପଚାରିଲା ପରିଶ୍ରା କରିବ ?

: ନା..ରେ ସେ ଆସିଥିଲେ ।

: କିଏ ?

: ସେଇ ଚକାଆଖି କାଳିଆ ।

: ସ୍ୱପ୍ନରେ ତାଙ୍କୁ ଦେଖିଲ ?

: ହଁ ।

: କଣ କହିଲ ତାଙ୍କୁ ? ହସିକି ପଚାରିଲା ବିନୟ ।

: ମୁଁ କିଛି କହିବା ପୂର୍ବରୁ ସେ କହିଲେ ପୁଅ ଯାଇଥିଲା ହେଲେ କିଛି କହିଲାନି । ମୁଁ ତାକୁ କହିଲି ଆଉ କେତେଦିନ ତୁ ମୋତେ ଏମିତି ବିଛଣାରେ ପକାଇ ମୋତେ ଆଉ ମୋ ପୁଅକୁ ଦଣ୍ଡ ଦେଇଚାଲିଥିବୁ ?

: କଣ କହିଲେ ସେ ! ଉତ୍ସୁକତାର ସହ ପଚାରିଲା ବିନୟ ।

: ଖାଲି ହସିଲେ, କିଛି କହିଲେନି । ମୋ ନିଦ ଭାଙ୍ଗିଗଲା । ଦେଖୁନୁ, ମୋ ଦେହ ଝାଳରେ ଓଦା ହୋଇଯାଇଛି ।

-' ଠାକୁର ତୁମ ପାଖକୁ ଆସିଛନ୍ତି ଯେତେବେଳେ ତୁମ ଦୁଃଖ ନିଶ୍ଚୟ ଶୁଣିଛନ୍ତି ।ଏଥର ନିଶ୍ଚୟ ଭଲ ହୋଇଯିବ ।'

ବାପା ନିରବ ରହିଲେ । ପୁଣି ଆଖିବୁଜି ଶୋଇବାର ଉପକ୍ରମ କଲେ । ବିନୟର ମନେହେଲା ବାପା ଯେପରି ସେଇ ରୂପକୁ ମନେ ପକାଇ ଆଖି ବୁଜିଛନ୍ତି ଯାହା । ମୁହଁରେ ତାଙ୍କର ସ୍ପଷ୍ଟ ବାରିହୋଇ ପଡୁଛି ଏକ ଅନିର୍ବଚନୀୟ ଉପଲବ୍ଧି ।

ବିନୟ ଶୋଇବାକୁ ଚେଷ୍ଟା କରି ମଧ୍ୟ ଶୋଇ ପାରିଲାନି । ତା ଆଖି ଆଗରେ ଭାସି ଉଠୁଥିଲେ ସେଇ ତିନି ମୂର୍ତ୍ତି । ଆଖିବୁଜି ସେ ପ୍ରାର୍ଥନା କଲା ବାପାଙ୍କୁ ଶୀଘ୍ର ଭଲ କରିଦେବାକୁ ।

କେତେବେଳେ ତା ଆଖିକୁ ନିଦ ଚାଲିଆସିଛି ସେ ଜାଣେନା । ନିଦ ଭାଙ୍ଗିଲା ବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲା । ସେ ବିଛଣାରୁ ଉଠି ଝର୍କା ଖୋଲି ଦେଖେତ ସୂର୍ଯ୍ୟ ଉଠିସାରିଲେଣି । ବାପାଙ୍କ ଆଡେ ଚାହିଁଲା । ହେଲେ ବାପା ବିଛଣାରେ ନାହାନ୍ତି !

? ? -' ତୋତେ ଖୁବ୍ ନିଦ ହୋଇଯାଇଥିଲାବୋଧେ । ଡାକିଥିଲି । ଶୁଣିଲୁ ନାହିଁ ତ କେହି ଜଣେ ମୋତେ କହିଲା, ତୁ ପାରିବୁ, ଟିକେ ଚେଷ୍ଟା କରୁନୁ । ବିରକ୍ତ ଲାଗିଲା ଏ କଥା ଶୁଣି । ଭାବିଲି ଏତେ ବର୍ଷ ହେବ ଚେଷ୍ଟା କରି ଯାହା ହୋଇନାହିଁ ଆଉ ହେବ ? ତଥାପି ଚେଷ୍ଟା କଲି । ଅବିଶ୍ୱାସ ଲାଗିଲା । ହେଲେ ଉଠି ପାରିଲି । ପୁଣି ଟିକିଏ ଚେଷ୍ଟା କଲି ତ ତଳେ ପାଦ ପକେଇ ପାରିଲି । ୱାକର ଧରି ଠିଆ ହୋଇଗଲି । ଏବେ ତ ବାଥ ରୁମ୍ ଯାଇ ନିଜେ ଆସୁଛି ।' କହିଲେ ବାପା ।

ବିନୟ ଆଶ୍ଚର୍ଯ୍ୟ ଚକିତ ହୋଇ ଚାହିଁ ରହିଥିଲା ବାପାଙ୍କ ଆଡକୁ ।

-' ଗୋଟିଏ କଥା କହିବି ? ସେଇ ଜଡ଼ିବୁଟି ବାବାଜୀ ପୁଣି କାଲି ଆସିଥିଲେ । ରଘୁ ବୋଧହୁଏ ସେ ବାବାଜୀଙ୍କୁ ଘରକୁ ଡକେଇ ଥିଲା । ତୋ ବୋଉ ଥିଲାବେଳେ ସେ ଥରେ ଆସିଥିଲେ । ସେତେବେଳେ ମୋର ଜଡ଼ିବୁଟିରେ ବିଶ୍ୱାସ ନାହିଁ ବୋଲି କହି ତାଙ୍କୁ ଘଉଡେଇ ଦେଇଥିଲି । ଏଥର ମନା କରିପାରିଲିନି । ସେ ମୋତେ କେତୋଟି ପୁଡିଆ ଦେଇ ଯାଇଥିଲେ । ସେଇ ପୁଡିଆରୁ ଗୋଟିଏ ଖାଇ ଦେଇଥିଲି । ତାରି ବଳରେ ଆଜି ଏମିତି ଆଶ୍ଚର୍ଯ୍ୟ ଘଟଣା ଘଟିନାହିଁ ତ... !' କହିଲେ ବାପା ।

ଆଉ କେତୋଟି ପୁଡିଆ ଦେଖେଇଲେ ବାପା । ବିନୟ ଆଶ୍ଚର୍ଯ୍ୟ ହେଲା । ରଘୁ କକାଙ୍କ ପାଖକୁ ଧାଇଁଲା । ସେ ରୋଷେଇ ଘରେ ଥିଲେ । ହେଲେ ସେ କୌଣସି ବାବାଜୀଙ୍କୁ ଦେଖି ନାହାନ୍ତି କିମ୍ବା ଘରକୁ ଡାକିନାହାନ୍ତି ବୋଲି ଯେତେବେଳେ କହିଲେ ବିନୟ ଆଖିରେ ଲୁହ ଜକେଇ ଆସିଲା ।

' ସବୁ ସେଇ ପରମଦୟାଳୁ ଜଗତର ନାଥ ଜଗନ୍ନାଥଙ୍କର ଇଛା !' । ଲୀଳାମୟଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲା ବିନୟ ।



ଆଳି, କେନ୍ଦ୍ରାପଡା

---

## ଚକାଆଖି ସବୁ ଦେଖୁଛି

ଘନଶ୍ୟାମ ପଲେଇ

ପେନସନ ଗଣ୍ଡାକ ପାଇଁ ଦୀର୍ଘ ଦୁଇ ବର୍ଷ ହେଲାଣି ଧାଇଁଛନ୍ତି । ସବୁ କାମ ସରିଯାଇଥିଲେ ବି ଫାଇଲ ଯାଇ ଅଟକିଛି ମହାନ୍ତି ସାରଙ୍କ ପାଖରେ.... ଢେର୍ ଦିନ ହେଲାଣି...ତାହ ବି ପୁଣି ବିନା କାରଣରେ । ଆଜି ଥିଲା ସୁବର୍ଣ୍ଣ ସୁଯୋଗ । ଅଫିସ ଭିତରକୁ ପଶୁପଶୁ ବାଟ ଓଗାଳି ବସିଥିବା ନନ୍ଦି... ମାନେ ବଡବାବୁ ଆଜି ନାହିଁ । ଅଫିସ୍ ବି ବେଶି ଭିଡଭାଡ୍ ନାହିଁ । ନମସ୍କାର ଜଣାଇ ସିଧା ପଶିଗଲେ ସାରଙ୍କ କୋଠରୀକୁ ।


କହିଲେ- ସାର !.. ମୋ' ଫାଇଲଟା ଆପଣଙ୍କ ପାଖରେ ଅଛି... ଟିକିଏ ଦୟା କରନ୍ତୁ... ପେନସନ୍ ଗଣ୍ଡାକ ମୋର ନିହାତି ଜରୁରୀ.. ।

ସାର୍ ପିନ୍ଧିଥିବା ଚଷମାଟିକୁ ଖୋଲି ଥୋଇଲେ ଟେବୁଲ ଉପରେ । କହିଲେ – ଆପଣଙ୍କ ନାଁ...

- ସାର... ମୋ ନାଁ ପୂର୍ଣ୍ଣ... ପୂର୍ଣ୍ଣଚନ୍ଦ୍ର ନାୟକ

ପୁଣି ଥରେ ଚଷମା ଲଗାଇ ପାଖରେ ଥିବା ଫାଇଲ୍ ଅଣ୍ଡାଳି କହିଲେ- ହଁ... କିଛି ଅସୁବିଧା ହେଇନି... ହେଇଯିବ...

- ସାର... ଏଇକଥା ଆପଣଙ୍କ ବଡ ବାବୁ ମୋତେ ଛ' ମାସ ହେଲାଣି ଶୁଣାଉଛନ୍ତି । କାଇଁ କିଛି ହେଉ ନାହିଁ... ବୁଢା ଲୋକଟା ପ୍ରତି ଟିକିଏ ଦୟା କରନ୍ତୁ ସାର !



-କାମ ହେଇଯିବ... ବେଶି ନାହିଁ... ଟଙ୍କା ପାଞ୍ଚ ହଜାର ଲାଗିବ ।

ସାରଙ୍କ କଥା ଶୁଣି ପୂର୍ଣ୍ଣବାବୁ ପକେଟ ଅଣ୍ଡାଳୁଥିଲେ । ଏହା ଦେଖି ମହାନ୍ତି ସାର୍ ହଡବଡେଇ ଗଲେ । ବ୍ୟସ୍ତ ହେଇ କହିଲେ- କ'ଣ କରୁଛ.. ? ରୁହ...ଟିକିଏ ରୁହ ... କହି ଉଠିଗଲେ ।

କୋଣରେ ଥିବା କୋପବୋର୍ଡର ପରଦାଟିକୁ ଟାଣି ଦେଲେ । ପୁଣି ଥରେ ନିଜ ସିଟରେ ବସିଯାଇ କହିଲେ – ହଁ.. ଏଣିକି ଯାହା ଦେବାର କଥା ଦିଅ ।

ମହାନ୍ତି ସାରଙ୍କ ଏପରି ହଡବଡେଇ ଯିବା ଦେଖି ପୂର୍ଣ୍ଣବାବୁ ଡରିଗଲେ । ଶୁଣିଥିଲେ କାନ୍ଥ ବାଡର ବି କାନ ଥାଏ... କାଳେ କିଏ ଦେଖୁଛି କି... କାରଣ ଲାଞ୍ଚ ଦେବା ନେବା ଉଭୟ ଅପରାଧ । ଡରିଡରି ଔଷଧ କିଣିବାକୁ ଧରିଥିବା ଟଙ୍କାକୁ ବାହାର କଲେ ପୂର୍ଣ୍ଣବାବୁ । ଟିକିଏ ଉଦାସ ମନରେ ବଢେଇ ଦେଲେ ମହାନ୍ତିସାରଙ୍କ ହାତକୁ । ସାର୍ ବଡ ଖୁସି ଜଣାପଡୁଥିଲେ । କହିଲେ – ହଉ... ତମେ ଏଣିକି ଯାଅ... କାମ ହେଇ ଯିବ ।

ହେଲେ ପୂର୍ଣ୍ଣବାବୁ ନ ଯାଇ ଛିଡା ହୋଇ ରହିଲେ । ଏହା ଦେଖି ସାର୍ କହିଲେ- ପୁଣି କ'ଣ ହେଲା... କହିଲି ପରା କାମ ହେଇଯିବ । ନିଶ୍ଚିନ୍ତରେ ଯାଅ ।

- ସାର ନାଇ ଯେ... ଗୋଟିଏ କଥା ଜାଣିବାର ଥିଲା... ଏଇଠି ତ କେହି ନଥିଲେ ଆପଣ ଡରିଲେ କାହିଁକି.. ? ଆଉ କପବୋର୍ଡ ପରଦା ଟାଣି ବନ୍ଦ କଲେ କାହିଁକି.. ? ସେ ପଟୁ କିଏ ଲୁଚି ଦେଖୁଥିଲା କି... କ୍ୟାମେରା ଲାଗିଛି ।

ମହାନ୍ତି ସାର୍ ହସିଲେ । କହିଲେ- ଏଇ କଥା । ସେଇଠି ପରା ଅଛି କାଳିଆ ଠାକୁରଙ୍କ ଫଟୋଟା । ମୁଁ ପ୍ରତିଦିନ ଅଫିସ୍ ଆସି ପ୍ରଥମେ ପୂଜା କରେ ଧୂପ ଜାଳି । ତା'ର ବଡ ବଡ ଚକାଚକା ଆଖି ଦୁଇଟା ଆମ ଆଡେ ଦେଖୁଥିଲା । ତାହାକୁ ଲୁଚେଇ ଦେଲି ପରଦା ଟାଣି । ସେ ଏସବୁ ଦେଖିବା ଠିକ୍ ନୁହଁ ।

ପୂର୍ଣ୍ଣବାବୁ ଟିକିଏ ଆଶ୍ୱସ୍ତ ହେଇ କୋଠରୀ ଭିତରୁ ବାହାରି ଆସୁ ଆସୁ ଭାବୁଥିଲେ- ସତରେ କ'ଣ ତାଙ୍କୁ ଆମେ ପରଦାରେ ଢାଙ୍କି ଦେଇ ଫାଙ୍କି ଦେଇ ପାରିବା...ତାଙ୍କ ନଜରରୁ ବଞ୍ଚି ପାରିବା ସବୁଦିନ ପାଇଁ... ? ? ?

ଟେନସା, ସୁନ୍ଦରଗଡ-୪୨,
ମୋ-୯୪୩୭୭୧୮୫୦୦

---

## ଦୁର୍ଗା ରୂପ

ସୁଦର୍ଶନ ମହାପାତ୍ର

'ତୁମକୁ ଖରାପ ଲାଗୁନି ଅପା । ପଡିଶା ଲୋକେ ତୁମ ନାଁ ରେ କେତେ କ'ଣ କହୁଛନ୍ତି । ସବୁ ଶୁଣି ନଶୁଣିଲା ଭଳି ଏଇଠି ଆସି ରହିଛ ? ଲାଜ ସରମ ସବୁ ପୋଡି ଖାଇସାରିଲଣି ! ମୁଁ ତୁମ ଜାଗାରେ ଥିଲେ ନିଜ ଇଜ୍ଜତକୁ ଜଗି ବାପଘରେ ଯାଇଁ ପଡିରହି ନଥାନ୍ତି ।'

ଭାଉଜର ତାଚ୍ଛଲ୍ୟ ଭରା କଥା ଚୁପଚାପ ଆଜି ବି ଶୁଣିଲା ବିନି । ଶାଶୁଘରୁ ଯେବେଠୁ ଆସିଲାଣି ଏମିତି କେତେ କଥା ଶୁଣି ଆସୁଛି ବିନି । ପ୍ରଥମେ ପ୍ରଥମେ ବୁଝାଇବା ଛଳରେ ଭାଉଜ ତାକୁ ଶାଶୁଘରକୁ ପୁଣି ଥରେ ଫେରିଯିବାକୁ କହୁଥିଲା । କ୍ରମେ ସେଇ ବୁଝାଇବା ଲାଞ୍ଛନାରେ ପରିଣତ ହୋଇ ସାରିଥିଲା । ବାପା ଯିବାପରେ ବୋଉର ମୁରବିତ୍ୱ ଯେମିତି ନୀରବ ହୋଇ ଯାଇଥିଲା ବୋଲି ଅନୁଭବ କରେ ବିନି ।

ଶାଶୁଘରେ ନିର୍ଯାତନା ସହି ନପାରି ଏମିତି ଆଗରୁ ଦୁଇଥର ବି ବିନି ପଳେଇ ଆସିଥିଲା ବାପଘରକୁ । ହେଲେ ଯେଉଁ କାରଣ ପାଇଁ ସେ ବାପଘରକୁ ଆସିବାକୁ ବାଧ ହୁଏ ତା'ର ନିରାକରଣ ବିନା ପୁଣି ତାକୁ ଶାଶୁଘରକୁ ଯିବାକୁ ପଡ଼େ ।

ପ୍ରଥମ ଥର ମଦ୍ୟପ ସ୍ୱାମୀଙ୍କ ଠାରୁ ମାଡ ଖାଇ ଘରକୁ ଆସିଥିଲା ବେଳେ ବୋଉ ତା ହାତରୁ ଓହ୍ଲାଇ ସୁନାଚୁଡି ଦୁଇ ପଟ ଦେଇଥିଲା । ହେଲେ ସେତିକିରେ ସ୍ୱାମୀ ବିଜୟ ସନ୍ତୁଷ୍ଟ ନଥିଲେ । କେଇଦିନ ପରେ ତା ଉପରେ ଆରମ୍ଭ ହୋଇ ଯାଇଥିଲା ପୁଣି ମାଡ଼, ଗାଳି ଆଉ ଯାବତୀୟ ନିର୍ଯାତନା ।

ଦୁଇଦିନ ଉପାସରେ ବିତାଇ ବହୁ କଷ୍ଟରେ ଘରେ ପହଞ୍ଚି ଘରେ କହିଥିଲା ସବୁକଥା । ବୋଉ ଆଖିରୁ ଲୁହ ଶୁଖୁନଥିଲା । ପୁଅକୁ କହି ନିରାଶ ହେଲା ପରେ କ'ଣ ବା ସେ ଆଉ କରିପାରିଥାନ୍ତା ?

ବୋଉ ଶେଷରେ ଝିଅକୁ ବୁଝାଇଲା 'ଏମିତି ବୋହୂ ମାନଙ୍କୁ ସହିବାକୁ ପଡେ । ତୁ ବି ସହୁଥା । ଭଗବାନ ଚାହିଁଲେ ତୋ କୋଳ ପୁରି ଉଠିବ ଆଉ ତୋ ଦୁଃଖ ଘୁଞ୍ଚିଯିବ ।'

ଆଉ ଶାଶୁଘର ମାଟି ମାଡିବନି ବୋଲି ଶପଥ କରି ଆସିଥିବା ବିନି ଭାଗ୍ୟକୁ ଆଦରି ପୁଣି ଥରେ ପହଞ୍ଚିଲା ଶାଶୁଘରେ । ଏଥର ଆଗ ଅପେକ୍ଷା ଆହୁରି ବଢ଼ିଯାଇଥିଲା ଅତ୍ୟାଚାରର ପରିମାଣ ।

ସେ ଏକଥା ବି ବୁଝି ଯାଇଥିଲା ଯେ ସ୍ୱାମୀ ତା'ର ପରକୀୟା ପ୍ରୀତିରେ ଜୁଡୁବୁଡୁ ଅଛନ୍ତି ଆଉ ସେଇଥିପାଇଁ ସେ ପଇସା ନଷ୍ଟ କରୁଛନ୍ତି । ଥରେ ଦୁଇ ଥର ଏ ବିଷୟରେ ପଚାରିଲେ ବିଜୟ ସେ ବିଷୟରେ ମୁଣ୍ଡ ନଖେଳେଇବାକୁ ପରାମର୍ଶ ଦେଇ କାହାକୁ ନକହିବାକୁ ଧମକ ଦେଇଥିଲେ ।

ହେଲେ ଯେଉଁଦିନ ଗୋଟିଏ ଝିଅକୁ ନେଇ ସ୍ୱାମୀ ତା'ର ଘରକୁ ଆସିଲା, ବିନି ପ୍ରତିବାଦ କଲା ଏବଂ ପ୍ରତି ବଦଳରେ ଦେହରେ ତା'ର ବେଲଟ ମାଡ଼ର ଦାଗ ଫୁଟି ଦିଶିଲା ।

ବିନି ଏଥର ନିର୍ଯାତନାର ଅଭିଯୋଗ ନେଇ ପୋଲିସ ଷ୍ଟେସନରେଏଫ୍ ଆଇ ଆର୍ ଦେଲା ଏବଂ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଜୟ ଜେଲ୍ ପ୍ରକୋଷ୍ଠର ମୁହଁ ଦେଖିଲା । ସେଇଦିନ ଠାରୁ କିନ୍ତୁ ଶାଶୁଘରର ଅନ୍ୟମାନେ ତା ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ ।

ଶାଶୁଙ୍କର ତାତିଲା ଖଡ଼ିକାର ଚେଙ୍କ ଦିନକୁ ଦିନ ତା ଦେହକୁ ଚିତ୍ରାୟିତ କରିବାରେ ଲାଗିଥିଲା । ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ଘରକୁ ଖବର ପଠାଇଲେ ବି ସମସ୍ତେ ଯେମିତି ନିର୍ବାକ, ନିରୁଦବିଗ୍ନ । ଶେଷକୁ ଦିନେ ଘନ ଅନ୍ଧାରରେ ଆସି ପହଁଚିଲା ସେ ତା'ର ଜନ୍ମମାଟିରେ । ଭାବିଥିଲା ତା'ର ଅବସ୍ଥା ଦେଖି ଏଥର ହୁଏତ ଭାଇ ଭାଉଜ ବୁଝିବେ ତା ଦୁଃଖ । ହେଲେ ଅବସୋସ !

ସେଦିନ ବିନି ବସିଥିଲା ଘର ଭିତରେ ଆଉ ବୈଠକ ଘରେ ବସିଥିଲେ ତା ଭାଇ ଭାଉଜ । ବିନି ପାଇଁ ତା ସ୍ତ୍ରୀ କାଳେ ଶାନ୍ତିରେ ରହିପାରୁନାହିଁ ବୋଲି ବିନୟ ଅଭିଯୋଗ କରୁଥିଲା ବୋଉ ଆଗରେ । ବୋଉ ପାଇଁ ହିଁ ବିନି କାଳେ ଉଦ୍ଧତ ହୋଇ ଯାଇଛି ବୋଲି ଆକ୍ଷେପ କଲା ବି ବିନୟ । ବିନି ଏ ଘରେ ରହିଲେ ଏ ଘର ଛାଡ଼ି ଚାଲିଯିବାକୁ ଧମକ ଦେଲା ଭାଉଜ ।

ବିନି ସେପର୍ଯ୍ୟନ୍ତ ସେଇ ଘର ଭିତରେ ନିଜକୁ ଆବଦ୍ଧ କରି ରଖିଥିଲା । ଶୁଣିଲା ବୋଉ ବୁଝାଉଥିଲା ଭାଇକୁ ।

ତୁମେ ଦୁହେଁ ଛୋଟ ହୋଇଥିଲ । ଗାଁ ମୁଣ୍ଡ ପୋଖରୀରୁ ତୋ ପାଇଁ ବିନି ତୋଳି ଆଣିଥିଲା କଇଁ ଫୁଲ କେତୋଟି । ତୋ ହାତରୁ ସେଇ ଫୁଲ କୁ ଛଡଉଥିଲା ନେବାକୁ ମଦନା । ଏତିକି ବେଳକୁ ତୋ ଅପା ଆସି ମଦନାକୁ ଧକ୍କାଟିଏ ଦେଇ ତୋତେ ଆଉ ଫୁଲ ସବୁକୁ ନେଇ ଘରକୁ ଆସିଲା ।

ସାଙ୍ଗ ମଦନାକୁ ମାରିଲୁ ତ ସେ ଆଉ ତୋ ସାଙ୍ଗ ହେବନି ବୋଲି ମୁଁ କହିଲାରୁ ବିନି କ'ଣ କହିଥିଲା ଜାଣିଚୁ.. ?

କହିଥିଲା ' ସାଙ୍ଗ ନହେବ ତ ନହେଉ । ତା ବୋଲି ସେ ମୋ ଭାଇକୁ ମାରିବ ଆଉ ମୁଁ ଛାଡ଼ିଦେବି ?' ବିନି ତୋ ବଡ଼ ଭଉଣୀ ନୁହେଁ ତ ବଡ଼ ଭାଇ । ତୋର ସେ କେତେ ଯତ୍ନ ନେଉଥିଲା ପିଲାଦିନେ । ଆଜି ପର୍ଯ୍ୟନ୍ତ ସବୁ ରାକ୍ଷୀ ପୂର୍ଣ୍ଣିମାରେ ତୋତେ ରାକ୍ଷୀ ନପିନ୍ଧେଇଲା ପର୍ଯ୍ୟନ୍ତ ସେ ଉପବାସରେ ବସିଥାଏ ।ଆଉ ଆଜି ତୁ ତାକୁ ଏମିତି ଦୂର ଦୂର କରୁଚୁ ?

କଥା ଶେଷରେ ବୋଉର କାନ୍ଦ ଶୁଭିଲା ବିନିକୁ । ଶୁଭିଲା ବି ବିନୟର ସ୍ୱର ।-' ଭଲ କହିଲେ ଆଜିକାଲି ଭେଲ । ଅପାର ଭଲ ପାଇଁ ଆମେ କହୁଛୁ । ଏଇଠି ରହିଲେ କେତେ ଲୋକ କେତେ ପ୍ରକାରର କଥା କହିବେ । ଏସବୁ ତୁ ସହି ପାରିବୁ ତ ? ଅପାର ତ ଯାହା ବଦନାମ ହେବ, ମୋତେ ବି ଲୋକଙ୍କୁ ମୁହଁକୁ ଚାହିଁ କଥା ହେବାକୁ ଲାଜ ଲାଗିବ । ତାପରେ କୋର୍ଟରୁ ବେଲ୍ ପାଇ ବିଜୟ ଭାଇ ଏବେ ଫେରି ଆସିଛନ୍ତି । ସେମାନଙ୍କର ପଇସା ଅଛି । ତାଙ୍କ ବିରୁଦ୍ଧରେ ଗଲେ ଆମେ ପାରିବା ନାହିଁ ।'

ଶୁଭିଲା ଏଥର ଭାଉଜର ସ୍ୱର ।

-' ବୋଉ ତୁମେ ଅପାଙ୍କୁ କିଛି କହୁ ନାହଁ ବୋଲି ସେ ସାହସ ପାଇ ଯାଉଛନ୍ତି ।'

ବୋଉ ଉପରେ ଶଣୁଆଶୀ ଆକ୍ରମଣ ହେଉଥିବାର ଅନୁଭବ କଲା ବିନି । ଆଉ ନିଜକୁ ଅଟକେଇ ପାରିଲା ନାହିଁ । ବୋଉ ପାଖରେ ଯାଇ ଠିଆହେଲା ।

-' କ'ଣ କହୁଛ ତୁମେ ଦୁହେଁ ? ବୋଉ ମୋତେ ଡରୁଛି ନା ତୁମକୁ ଡରୁଛି ? ମନେଅଛି ତ ବିନୟର ବାହାଘର ପରେ ଘରସାରା ବନ୍ଧୁ ବାନ୍ଧବମାନଙ୍କ ଭିତରେ ମୁଣ୍ଡରେ ଓଢ଼ଣା ଦେବାକୁ ବୋଉ କହିଥିଲା ବୋଲି ତୁ ସମସ୍ତଙ୍କ ସାମ୍ନାରେ ବୋଉକୁ ମଫସଲି କହି ଅପମାନ ଦେଇଥିଲୁ । ପୋଲିସ ଡାକି ଯୌତୁକ ନିର୍ଯାତନା ଅପରାଧରେ ଆମ ସମସ୍ତଙ୍କୁ ଜେଲରେ ପୁରାଇବୁ ବୋଲି ଧମକ ଦେଉଥିଲୁ ।' ବିନି ଏତିକି କହି ସାରିଲା ବେଳକୁ ତା'ର କୋହ ଉଠୁଥିଲା ।

ଭାଉଜ ଏଥର ଚୁପ୍ ହୋଇଗଲା ।

ବୋଉ ଆଉଥରେ ବିନିକୁ ବୁଝାଇବାକୁ ଚେଷ୍ଟା କଲା ।

-' ଯୁଗ ଯୁଗ ଧରି ଭାରତୀୟ ନାରୀ ଏଇଭଳି ରହି ଆସିଅଛି । ଆଖିବୁଜି ସବୁ ସହିଛି । ସୀତା ସାବିତ୍ରୀଙ୍କୁ ତା'ର ଆଦର୍ଶ ବୋଲି ମାନିଛି । ଆଉଥରେ ଚେଷ୍ଟା କର ମା ।ବିଜୟ ଜେଲ୍ ରୁ ଫେରି ଆସିଲେଣି । କାଳେ ସୁଧୁରି ଯିବେ !'

-' ବୋଉ ତୁ କହୁଛୁ ସୀତା ସାବିତ୍ରୀଙ୍କ କଥା । ନାରୀକୁ ସୀତା ଟିଏ ହେବାକୁ ହେଲେ ତା ପାଇଁ ରାମ ଟିଏ ଦରକାର । ଆଉ ସାବିତ୍ରୀ ପାଇଁ ସତ୍ୟବାନ ଟିଏ ବି ଦରକାର । ନାରୀକୁ ସୀତା ସାବିତ୍ରୀଙ୍କ ପରି ହେବାକୁ ତ ସମସ୍ତେ ଉପଦେଶ ଦିଅନ୍ତି । ହେଲେ କୌଣସି ପୁରୁଷକୁ ରାମ ବା ସତ୍ୟବାନ ପରି ହେବାକୁ କେହି ଉପଦେଶ ଦିଅନ୍ତି ନାହିଁ ।' ବିନି ଏମିତି ଉଚ୍ଚ ସ୍ୱରରେ କହିଲା ଯେ ସତେ ଯେପରି ସୁପ୍ତ ଆଗ୍ନେୟଗିରି ହଠାତ୍ ଜାଗ୍ରତ ହୋଇ ପଡ଼ିଛି ଆଉ ତା ମୁହଁରୁ ଉତ୍ତପ୍ତ ଲାଭା ଉଦ୍ଗିରଣ ହେଉଛି ।

ଘରେ ନିଃଶବ୍ଦ ଖେଳୁଥିଲା ।

-' ଠିକ୍ ଅଛି ତୁମେମାନେ ଯଦି ମୋତେ ବାଧ କରୁଛ ମୁଁ ଆଉ ଥରେ ସେଇ ନର୍କ ଭିତରକୁ ଯାଉଛି । ଶେଷ ଚେଷ୍ଟା କରିବି । ମୁଁ ଜାଣେ ସେମାନେ କେହି ବଦଳିବେ ନାହିଁ । ସହଜରେ ରାକ୍ଷସ ପ୍ରକୃତି ଛାଡିବେ ନାହିଁ ସେମାନେ । ତେଣୁ ସୀତା ସାବିତ୍ରୀଙ୍କ ରୂପ ନୁହେଁ, ନିଜ ଦୁର୍ଗତି ନାଶିବା ପାଇଁ ମୁଁ ଏଥର ଦୁର୍ଗା ରୂପ ନେବାକୁ ଭୁଲିବି ନାହିଁ... ! ! !'

କୁଞ୍ଜବିହାରୀ ଲେନ, କଟକ
୯୪୩୮ ୧୭୫୫୪୨

---

## ଏନ୍ଟିକ

ଶିବାଶିଷ ପାଢ଼ୀ

ସକାଳୁ ଉଠୁଉଠୁ ଦରକାର ପଡେ ଚା ଟିକିଏ । ବେଡ଼ ଟି ତ ନୁହେଁ କିନ୍ତୁ ସେହି ଭଳିଆ ନିଶ୍ଚୟ । ଆଗରୁ କହିବାକୁ ପଡୁ ନଥିଲା । ଦୀପ୍ତି ଥିବାବେଳେ ସେ ଉଠୁଥିଲେ ଆଗରୁ । ଘରକାମ କରୁଥିଲେ ତଥାପି ତାଙ୍କ ନଜର ରହୁଥିଲା ମନୋହରଙ୍କ ଉପରେ । ଉଠିକି ରୁମରେ ଏପଟସେପଟ ହେଲେ ସେ ଜାଣି ଯାଉଥିଲେ । କହିବାକୁ ପଡୁ ନଥିଲା । ଏବେ କିନ୍ତୁ ବାହାରେ ଆସିକି ସୋଫାରେ ବସିବାକୁ ପଡୁଛି । ସେ ଆସିକି ବସିଲେ ହିଁ ଚା ଦିଏ ବୋହୁ ଅଙ୍କିତା । ହେଲେ ବେଳେବେଳେ ଭୁଲିଯାଏ ସେ । ଥରେଥରେ ମାଗିବାକୁ ବି ପଡେ । କେବଳ ଚା କ୍ଷେତ୍ରରେ ଏମିତି ହୁଏ ସେମିତି ବି ନୁହେଁ । ଖାଇବା ପିଇବା ଠୁଁ ନେଇ କୁଆଡେ ଯିବା ଆସିବା ଯାଏଁ ଅନେକ ଥର ସେ ଲକ୍ଷ୍ୟ କରନ୍ତି ବୋହୁର ଏ ଭୁଲିବା ଗୁଣକୁ । ଥରେଥରେ ମନକୁ ଆସେ । ପ୍ରକୃତରେ ଅଙ୍କିତା ଭୁଲିଯାଏ କି ଜାଣି ଜାଣି ଭୁଲେ । ହେଲେ ମନ କଥାକୁ ମନରେ ହିଁ ରଖନ୍ତି ସେ । କେବେ ପୁଅ ଆଦର୍ଶସହ କି ଆଉ କାହାସହ ଆଲୋଚନା କରିନାହାନ୍ତି ଜମା । କରିବେ ବି କେତେବେଳେ । ସକାଳ ଆଠଟାରୁ ଯାଉଥିବା ପୁଅ ଫେରେ ରାତି ଦଶକୁ । ନାତି ଅର୍ଣ୍ଣବର ପାଠ ଏବଂ ଟ୍ୟୁସନ ଚାଲିଥାଏ ଦିନସାରା । ଘରେ ଥାଆନ୍ତି ସେ ଓ ବୋହୁ । ଛୁଟିଦିନ ଥିଲେ କେବେ କେମିତି ଦେଖା ହୁଏ ଆଦର୍ଶ ସହ । ରୁମକୁ ଆସେ । ଭଲମନ୍ଦ ପଚାରେ । କହେ ଠିକ ଅଛ ତ ବାପା ? ବାସ ସେତକ ହିଁ ତ ଜୀବନ ଦିଏ । ସବୁ ଅସୁବିଧାକୁ ଫୁର୍ର କିନା ଉଡେଇ ଦିଏ । କେବେ କିଛି କହି ପାରନ୍ତି ନାହିଁ ମନୋହର । ଏଥର କିନ୍ତୁ ଧୀରେଧୀରେ ବଢ଼ି ଯାଉଥିଲା ବୋହୁର ଭୁଲିବା ଗୁଣ । ଦୁଇଦିନ ଧରି ଛୁଟି ଥିଲା । ଗତ କାଲି ପୁଅବୋହୁ ଯାଇଥିଲେ ପଲ୍ଲିଶ୍ରୀ ମେଳାକୁ । ସେଇଠୁଁ କିଣି ଆଣିଥିଲେ କିଛି ଘର ସଜାଇବାର ଜିନିଷ । ସକାଳୁ ସେଥିରେ ଲାଗିଥିଲା ବୋହୁ । କେତେବେଳୁ ବାଜି ସାରିଥିଲା ନଅଟା । ବୈଠକଘରକୁ ଯାଇଥିଲେ ମନୋହର । ସୁନ୍ଦର ଭାବେ ସଜା ହୋଇଥିଲା କୋଠରୀଟି । କିଛି ଜିନିଷ କାନ୍ଥରେ ଲଗା ସରିଥିଲା । ଆଉ କିଛି ବାକିଥିଲା । ଆଦର୍ଶ ଲୁହା ଶିଢ଼ିରେ ଚଢି କଣ୍ଟା ପିଟୁଥିଲା ଏବଂ ଅଙ୍କିତା ତଳୁ ନିର୍ଦ୍ଦେଶ ଦେଉଥିଲା । କାଠପଟାରେ ଖୋଦେଇ କରି ଅଙ୍କା ଯାଇଥିବା ଏକ ସୁନ୍ଦର ନାରୀର ଚେହେରା । ନିଶ୍ଚୟ ବହୁତ ପୁରୁଣା ହେଲେ ତାକୁ ନୂଆ କରି ରଙ୍ଗ କରାହୋଇଥିଲା । ଏନ୍ଟିକ ଜିନିଷ । ନିଶ୍ଚୟ ଅଙ୍କିତା ପସନ୍ଦ କରିଥିବ । ମନଦେଇ ତାକୁ ଦେଖୁଥିଲେ ସେ । ତାଙ୍କୁ ଦେଖି ଅଙ୍କିତା କହିଥିଲା – ଭଲ ହୋଇଛି ତ ବାପା ? ଏଇଟା ନିଶ୍ଚୟ କେଉଁ ରାଜାଘରର ହୋଇଥିବ । ଏନ୍ଟିକ ଜିନିଷ ତ ଦାମ ବେଶି କିନ୍ତୁ ବହୁତ ସୁନ୍ଦର ହୋଇଛି ନା ? ହସିଦେଲେ ମନୋହର । କହିବାକୁ ତ ଚାହୁଁ ନଥିଲେ କିନ୍ତୁ କେମିତି ଯେ ପାଟିରୁ ବାହାରି ପଡିଲା ନିଶ୍ଚୟ ମାଆ ଏନ୍ଟିକ ଜିନିଷ ତ ଦାମ ନେଇଥିବ । ଜିନିଷ ପୁରୁଣା ହେଲେ ଏନ୍ଟିକ ପାଲଟି ଯାଏଁ । ବଢିଯାଏ ତାର ଦାମ । ମଣିଷ ପୁରୁଣା ହେଲେ ଅଲୋଡ଼ା ହୋଇଯାଏ । କମି ଚାଲେ ତାର ମୂଲ୍ୟ । ହଠାତ ହସୁଥିବା ଅଙ୍କିତାର ଚେହେରାର ହସ ଉଭାନ ହୋଇଗଲା । ଗମ୍ଭୀର ହୋଇଗଲା ସେ । କହିଦେଲେ ସିନା ସାଙ୍ଗେସାଙ୍ଗ ସେ ବି ଭାବିଲେ କାହିଁକି କହୁଥିଲି ମୁଁ ? ମନୋହର ଦେଖୁଥିଲେ କଣ୍ଟା ବାଡ଼ଉଥିବା ପୁଅକୁ । ସେ ବୋଧେ ଧ୍ୟାନ ଦେଇ ନଥିଲା ଏପଟେ । ଆଶ୍ୱସ୍ତ ଲାଗିଲା ଆଉ ସାଙ୍ଗେ ସାଙ୍ଗ ଫେରି ଆସିଲେ ମନୋହର । ରୁମକୁ ଆସି ସେ ଦେଖୁଥିଲେ ସାମ୍ନାରେ ଥିବା ଦୀପ୍ତିଙ୍କ ଫଟୋକୁ । ମନେମନେ କହୁଥିଲେ ବେକାରଟାରେ କହିଲି ଦୀପ୍ତି । ନ କହିଥିଲେ ବି ଚଳିଥାନ୍ତା । ଠିକ ସେତିକି ବେଳେ ଚା ନେଇ ଆସିଥିଲା ଅଙ୍କିତା । ଗମ୍ଭୀର ତ ନଥିଲା କିନ୍ତୁ ତାର ଚେହେରାରେ ସବୁବେଳେ ରହୁଥିବା ସେ ହସ ହସ ଭାବ ନଥିଲା । ପାଖକୁ ଆସି କହିଥିଲା – ଥରେ ଥରେ ଭୁଲିଯାଏ ବାପା । ତୁମେ ବି ଥରେ ପାଟି କରିଦେଇଥାନ୍ତ ନା । ରାଗିଗଲ କି ବାପା ? ଯେମିତି ଛୋଟ ଝିଅଟିଏ ପାଲଟି ଯାଇଥିଲା ଅଙ୍କିତା । ହସିଦେଲେ ମନୋହର ତାର ମୁଣ୍ଡକୁ ଆଉଁସି କହିଥିଲେ ନାଁରେ ମାଆ ବାପା କଣ କେବେ ଝିଅକୁ ରାଗେ ? ଯା ତୋ କାମ କରିବୁ ଯାଅ । ଖୁସି ହୋଇଯାଇଥିଲା ଅଙ୍କିତା । ଚାଲିଯାଇଥିଲା ସେ । ଜକେଇ ଆସୁଥିବା ଆଖିକୁ ନିୟନ୍ତ୍ରଣରେ ରଖି ହସିଦେଉଥିଲେ ମନୋହର । ଝରକାଦେଇ ହଠାତ ଆସିଥଲା ହାବୁକାଏ ପବନ । ହଲିଯାଇଥିଲା ଦୀପ୍ତିଙ୍କ ବିରାଟ ଫଟୋ । ମନୋହରଙ୍କୁ ଲାଗୁଥିଲା ସେ ଫଟୋ ଭିତରେ ଥାଇ ଶାନ୍ତିର ସହ ହସୁଥିଲେ ଦୀପ୍ତି.... ।



ହେମଗିର ସୁନ୍ଦରଗଡ଼
ମୋ-୯୭୭୮୧୭୪୯୭୮

---

## ଦିପାବଳୀର ପୁରସ୍କାର

ମନୋଜ କୁମାର ବେହେରା

ସକାଳେ ଯେତେବେଳେ କମଳାର ନିଦ ଭାଙ୍ଗିଲା ସେତେବେଳେ ଆଠଟା ବାଜି ସାରିଥିଲା । ସେ ହଡବଡ ହୋଇ ଉଠିଲା । କାଲି ସନ୍ଧ୍ୟାରୁ ତାକୁ ବହୁତ ଜର ହେଇଥିଲା । ସାମାନ୍ୟ ଦିନ ହେଇଥିଲେ ସେ ଛୁଟି ମାରି ନେଇଥାନ୍ତା,କିନ୍ତୁ ଦିପାବଳୀର ଦିନ ପାଖେଇ ଆସୁଥିଲା । ଏମିତିରେ ଛୁଟି ମାରିକରି ସେ ନିଜର ମାଲିକାଣୀଙ୍କୁ ଅଶାନ୍ତ କରିବାକୁ ଚାହୁଁ ନଥିଲା । ସେ ଶୀଘ୍ର ନିଜର ଘରର କାମ ସାରି ତା'ପରେ ନିଜ କାମକୁ ଚାଲିଗଲା । କମଳା ଯେତେବେଳେ ଶ୍ରୀମତୀ ନନ୍ଦଙ୍କ ଘରେ ଯାଇ ପହଞ୍ଚିଲା ଆଉ ଦେଖିଲା ଧୋଇବା ପାଇଁ ସବୁଦିନ ଭଳି ଲୁଗା ସହିତ ପର୍ଦା ଆଉ ଚାଦର ସବୁ ଥୁଆ ହୋଇଥିଲା ଧୁଆ ହେବାପାଇଁ । ଯଦି କାଲି ମାଲିକାଣୀ କିଛି କପଡା ଧୋଇବାକୁ ଅନୁମତି ଦିଅନ୍ତେ ତାହେଲେ ଭଲ ହୁଅନ୍ତା । ଆଜି ମୋର ଦେହ ଟିକିଏ ଭଲ ନାହିଁ, କମଳା ଧୀର ସ୍ୱରରେ ବିନତି କଲା । ନା'..ନା'..କାଲି ରୋଷେଇ ଘର ସଫା କରିବାକୁ ହେବ, ସବୁ କପଡାକୁ ଆଜି ଯେମିତି ହେଲେ ଧୋଇଦେ । ଶ୍ରୀମତୀ ନନ୍ଦ ରାଗିକରି କହିଲେ । କମଳା ମନକୁ ମାରି କପଡା ଧୋଇବାରେ ଲାଗିଲା । କପଡା ଧୋଇ ସାରିଲା ପରେ ତାକୁ ଲାଗିଲା ଯେମିତି ତା' ଦେହରେ ଆଉ ଶକ୍ତି ନାହିଁ । ସେ ଆଉ କେଉଁଠି କାମ କରିପାରିବ ନାହିଁ ଆଜି । ତେଣୁ ସେ ନିଜ ଘରକୁ ଫେରି ଆସିଲା । ତା ପରଦିନ ଯେତେବେଳେ ସେ ଶ୍ରୀମତୀ ବେହେରାଙ୍କ ଘରକୁ ଗଲା ଆଉ ତାକୁ ଦେଖିକରି ମ୍ୟାଡାମ୍‌ଙ୍କ ରାଗ ପଞ୍ଚମକୁ ଚଢିଗଲା । ସେ କମଳା ଉପରେ ତାଙ୍କର ସମସ୍ତ ରାଗକୁ ଶୁଝେଇଲେ । ତତେ ପୂଜା ସମୟରେ ଖାଲି ଛୁଟି ଦରକାର । ତୁ ଜାଣିଛୁ ଦିପାବଳୀରେ କେତେ କ'ଣ କରିବାକୁ ପଡିଥାଏ ? କମଳା କିଛି କହିଲାନି । ମୁଣ୍ଡ ତଳକୁ କରି ଘର ଭିତରକୁ ପଶିଗଲା । ତା'ର ଅସୁବିଧା ଥିଲା ନହେଲେ କ'ଣ ତାକୁ ଏମିତି ଶୁଣିବାକୁ ପଡିଥାନ୍ତା । ପାଞ୍ଚଟା ଘରର କାମ କରିବା ପରେ ମଧ୍ୟ କମଳା ଘର ବହୁତ କଷ୍ଟରେ ଚାଲୁଥିଲା । ନିଜର ତିନି ଛୁଆଙ୍କ ଲାଳନ ପାଳନର ସହିତ ପରିବାରର ପୁରା ଉତ୍ତରଦାୟିତ୍ୱ ତା' କାନ୍ଧ ଉପରେ ଥିଲା । ସ୍ୱାମୀର ପାଞ୍ଚ ବର୍ଷ ତଳେ ଗୋଟିଏ ସଡକ ଦୁର୍ଘଟଣାରେ ମୃତ୍ୟୁ ହେଇ ଯାଇଥିଲା । ଦିପାବଳୀରେ କମଳା ଉପରେ କାମର ବୋଝ ବଢିଯାଏ, କିନ୍ତୁ ଦିପାବଳୀର ଅପେକ୍ଷା ତାକୁ ଆଉ ତା'ର ଛୁଆମାନଙ୍କଠାରେ ବହୁତ ବ୍ୟଗ୍ରତା ଥାଏ । କାହିଁକି ଦିପାବଳୀରେ ପୁରସ୍କାରରେ ଭଳିକି ଭଳି ସାଦିଷ୍ଟ ମିଠେଇ ମିଳିଯାଏ । ଏଥର କମଳା ପୁରସ୍କାରର ସ୍ୱରୂପ ପ୍ରତ୍ୟେକଙ୍କ ଘରୁ ଟଙ୍କା ନେବା ପାଇଁ କହିଥିଲା । କାହିଁକି ସେହି ପୁରସ୍କାର ରାଶିରେ ସେ ତା' ଛୁଆମାନଙ୍କ ପାଇଁ ନୂଆ ପୋଷାକ କିଣିବ । ବହୁ ବର୍ଷ ହେଲା ଛୁଆମାନେ ନୂଆ ପୋଷାକ



ପିନ୍ଧି ନଥିଲେ । ପୁରସ୍କାର ବାବଦରେ କମଳା ଦୁଇ ହଜାର ଟଙ୍କା ପାଇଥିଲା। ନିଜର କିଛି ସଞ୍ଚିତ ଅର୍ଥ ମିଶେଇ ଛୁଆମାନଙ୍କ ପାଇଁ ନୂଆ ପୋଷାକ କିଣିଲା । ନୂଆ ପୋଷାକକୁ ଦେଖିକରି ଛୁଆମାନେ ଆନନ୍ଦରେ ନାଚି ଉଠିଲେ। ଏପଟେ ବହୁତ ପରିଶ୍ରମ କରିବା ଯୋଗୁଁ କମଳାର ଦେହ ଖରାପ ହେବାକୁ ଲାଗିଲା । ତଥାପି ତା' ଚେହେରା ଉପରେ ସନ୍ତୋଷ ଆଉ ଖୁସିର ଭାବ ଥିଲା । ମା' ! ଆଜି ତୁମ ଯୋଗୁଁ କେତେ ବର୍ଷ ପରେ ନୂଆ ପୋଷାକ ପିନ୍ଧିବାକୁ ମିଳିଲା । ବଡ ଝିଅ ଆରତୀ ନିଜ ମା'ର ହାତ ନିଜ ହାତରେ ନେଇ ବହୁତ ସ୍ନେହରେ କହିଲା ! ତୁମମାନଙ୍କୁ କ'ଣ ଜଣା ଅଛି ? ଏହି ପୁରସ୍କାର ପାଇଁ ମୋତେ କେତେ ହାଡଭଙ୍ଗା ପରିଶ୍ରମ କରିବାକୁ ପଡୁଛି ? କମଳା ନିଜକୁ ନିଜେ କହୁଥିଲା, ଟିକିଏ ହସିକରି ବାସ୍ ! ନିଜ ଝିଅ ମୁଣ୍ଡ ଉପରେ ହାତ ବୁଲେଇ ଆଣିଲା । କମଳା ନିଜ ବ୍ୟଥାକୁ ଜଣେଇ କରି ଛୁଆମାନଙ୍କ ଖୁସିକୁ କମ୍ କରିବାକୁ ଚାହୁଁ ନଥିଲା । ଏଥର ନିଜର ଦିପାବଳୀ ବହୁତ ସୁନ୍ଦର ହେଇଛି କହିଲା ଛୋଟ ଝିଅ ପୂଜା ବିଭୋର ହୋଇ । ସବୁଠୁ ଛୋଟ ପୁଅ ରାମ ହସି କହିଲା ଟିକେ ଏହି ଖୁସିରେ ମିଠା ହେଇଯାଉ । ଏହା ଶୁଣି ସମସ୍ତଙ୍କ ହସ ଗୁଞ୍ଜରିତ ହେବାକୁ ଲାଗିଲା ଘରେ । ଛୁଆଙ୍କର ଖୁସି ଦେଖି କମଳା ମଧ୍ୟ ବହୁତ ଖୁସିଥିଲା ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସରେ ଯୋଗଦେଲେ କେନ୍ ୱିଲିୟମସନ୍



**ଲକ୍ଷ୍ନୌ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ ପାଇଁ ମିନି ନିଲାମ ଚଳିତ ବର୍ଷ ଡିସେମ୍ବର ୧୩ରୁ ୧୫ ତାରିଖ ମଧ୍ୟରେ ହେବାର ସମ୍ଭାବନା ରହିଛି । ଦଳଗୁଡ଼ିକୁ ନଭେମ୍ବର ୧୫ ତାରିଖ ସୁଦ୍ଧା ସେମାନଙ୍କର ଖେଳାଳିଙ୍କ (କିଏ ରହିବେ କିଏ ଯିବେ) ତାଲିକା ଦାଖଲ କରିବାକୁ ପଡ଼ିବ । ସମସ୍ତ ଦଳ ଆଇପିଏଲ୍ ୨୦୨୬ ପାଇଁ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିସାରିଛନ୍ତି । ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମ୍ସନ୍ ମଧ୍ୟ ଆଇପିଏଲ୍ ୨୦୨୬ର ଅଂଶ ହେବେ, କିନ୍ତୁ ତାଙ୍କୁ ଖେଳାଳି ଭାବରେ ନୁହେଁ, ଏକ ନୂଆ ଭୂମିକାରେ ଦେଖିବାକୁ ମିଳିବ । ୩୫ ବର୍ଷୀୟ ୱିଲିୟମ୍ସନ୍‌ଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍ଏସ୍‌ଜି)ର ରଣନୀତିକ ପରାମର୍ଶଦାତା ଭାବରେ ନିଯୁକ୍ତ କରାଯାଇଛି । ଜାହିର ଖାନ ଦଳର ପରାମର୍ଶଦାତା ପଦରୁ ଇସ୍ତଫା ଦେଇଥିଲେ, ତେଣୁ କେନ୍‌ଙ୍କ ଯୋଗଦାନ ଦଳ ପାଇଁ ବହୁତ ଲାଭଦାୟକ ହୋଇପାରେ ।


କେନ୍ ୱିଲିୟମ୍ସନ୍ ଆଇପିଏଲ୍ ୨୦୨୬ ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସରେ ଯୋଗଦେବେ । ଉଲ୍ଲେଖଯୋଗ୍ୟ ଯେ, ୱିଲିୟମ୍ସନ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇନାହାନ୍ତି । ସେ ନ୍ୟୁଜିଲାଣ୍ଡ କ୍ରିକେଟ୍ (ଏନ୍‌ଜେଡ୍‌ସି) ସହିତ ଏକ ଚୁକ୍ତିନାମା ପ୍ରତ୍ୟାଖ୍ୟାନ କରିଥିଲେ ଯାହା ଦ୍ୱାରା ସେ ଫ୍ରାଞ୍ଚାଇଜ୍ କ୍ରିକେଟରେ ସକ୍ରିୟ ରହିପାରିବେ । ଏହି ସମୟରେ, ଇଂଲଣ୍ଡର କାର୍ଲ କ୍ରୋଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି, ଯିଏକି ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ସହିତ ଏହି ଦାୟିତ୍ୱ ତୁଲାଇଥିଲେ ।

# ଅଧିନାୟକ ପଦ ଯିବା ପରେ ପ୍ରଥମ ଥର ଗମ୍ଭୀରଙ୍କ ସହ ଆଲୋଚନା କଲେ ରୋହିତ

**ପର୍ଥ**

ଭାରତୀୟ ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମାଙ୍କୁ ଦିନିକିଆ ଅଧିନାୟକତ୍ୱରୁ ହଟାଇବା ପରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ପ୍ରଥମ ଥର ପାଇଁ ମଇଦାନକୁ ଓହ୍ଲାଇବେ । ଚଳିତ ବର୍ଷ ଚାମ୍ପିଅନ୍ସ ଟ୍ରଫି ଜିତାଇଥିବା ରୋହିତଙ୍କ ସ୍ଥାନରେ ଶୁଭମନ ଗିଲଙ୍କୁ ଅଧିନାୟକ କରାଯାଇଛି । ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସେ ରୋହିତଙ୍କୁ ବ୍ୟକ୍ତିଗତ ଭାବେ ଅଧିନାୟକତ୍ୱରୁ ହଟାଇବା ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ ।

ଗୁରୁବାର ପର୍ଥରେ ଭାରତୀୟ ଦଳର ଅଭ୍ୟାସ ସମୟରେ ରୋହିତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ



ତୀବ୍ର ଆଲୋଚନା କରୁଥିବା ଦେଖାଯାଇଥିଲା, ଯାହା ଭାଇରାଲ ହୋଇଛି । ଏହା ପୂର୍ବରୁ ରୋହିତ ଓ ବିରାଟ କୋହଲି ନେଟ୍‌ରେ ପାଖାପାଖି ୩୦ ମିନିଟ୍ ଏକାଠି ବ୍ୟାଟିଂ ଅଭ୍ୟାସ କରିଥିଲେ ।

ଭାରତୀୟ ଦଳ ବୁଧବାର ଓ ଗୁରୁବାର ଦୁଇ ଦଳରେ ବିଭକ୍ତ ହୋଇ ପର୍ଥରେ ପହଞ୍ଚିଛି, ଯେଉଁଠାରେ ଅକ୍ଟୋବର ୧୯ରୁ ତିନି ଦିନିକିଆ ଓ ଅକ୍ଟୋବର ୨୯ରୁ ପାଞ୍ଚ ଟି-୨୦ ସିରିଜ ଆରମ୍ଭ ହେବ । ନେଟ୍ ଅଭ୍ୟାସ ପରେ କୋହଲି ବୋଲିଂ କୋଚ୍ ମର୍ଣ୍ଡେ ମର୍କେଲଙ୍କ ସହ ଦୀର୍ଘ ଆଲୋଚନା କରିଥିବା ଦେଖାଯାଇଥିଲା ଏବଂ ପେସର ଅର୍ଶଦୀପ ସିଂହଙ୍କ ସହ ଏକ ହାଲୁକା ମୁହୂର୍ତ୍ତ ମଧ୍ୟ ଦେଖିବାକୁ ମିଳିଥିଲା ।

ରୋହିତ ଓ କୋହଲି ଚଳିତ ବର୍ଷ ଟେଷ୍ଟରୁ ଅବସର ନେଇଛନ୍ତି ଏବଂ ଗତ ବର୍ଷ ବାର୍ବାଡୋସରେ ଟି-୨୦ ବିଶ୍ୱକପ ଜିତିବା ପରେ ଟି-୨୦ ଅନ୍ତର୍ଜାତୀୟରୁ ମଧ୍ୟ ଅବସର ନେଇଛନ୍ତି । ଏହା ଅଷ୍ଟ୍ରେଲିଆରେ ଏହି ଦୁଇ ଦିନିକିଆ ଦିଗ୍‌ଗଜଙ୍କର ଶେଷ ଖେଳ ହୋଇପାରେ । ୨୦୨୭ ବିଶ୍ୱକପରେ ସେମାନଙ୍କ ଅଂଶଗ୍ରହଣ ସେମାନଙ୍କ ଫର୍ମ ଓ ଫିଟ୍‌ନେସ୍ ଉପରେ ନିର୍ଭର କରିବ, କିନ୍ତୁ ନୂଆ ଅଧିନାୟକ ଶୁଭମନ ଗିଲ ସେମାନଙ୍କ ଅଭିଜ୍ଞତାକୁ ନେଇ ସମର୍ଥନ ଜଣାଇଛନ୍ତି । ଦଳର ଶୁକ୍ରବାର ଓ ଶନିବାର ମଧ୍ୟ ଅଭ୍ୟାସ କାର୍ଯ୍ୟକ୍ରମ ରହିଛି ।

# ପାକିସ୍ତାନ ଜିତିଲା ଲାହୋର ଟେଷ୍ଟ୍



**ଲାହୋର**

ଲାହୋର ଟେଷ୍ଟ୍‌କୁ ପାକିସ୍ତାନ ୯୩ ରନ୍‌ରେ ଜିତି ନେଇଛି । ତା' ସହିତ ଦୁଇ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୧-୦ରେ ଆଗୁଆ ହୋଇଯାଇଛି । ପାକିସ୍ତାନ ୨୭୭ ରନ୍‌ର ବିଜୟ ଲକ୍ଷ୍ୟ ଦେବା ପରେ ଘରୋଇ ବୋଲରଙ୍କ ଶାଣିତ ବୋଲିଂର ସମ୍ମୁଖୀନ ହୋଇ ନପାରି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମାତ୍ର ୧୮୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । ୧୦ ୱିକେଟ୍ ସଫଳତା ଲାଭ କରିଥିବା ପାକିସ୍ତାନର ୩୯ ବର୍ଷୀୟ ସ୍ପିନର ନୋମାନ ଅଲୀ (୬/୧୧୨, ୪/୭୯) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏହି ପ୍ରତୀକ୍ଷିତ ବିଜୟକୁ ପ୍ରଶଂସକଙ୍କୁ ଭେଟି ଦେଇ ପାକିସ୍ତାନ, ଏସିଆ କପ୍ ଫାଇନାଲ୍ ପରାଜୟର ଦୁଃଖ ଦୂର କରିବାକୁ ଚେଷ୍ଟା କରିଛି । ବହୁ ବର୍ଷ ପରେ ପାକିସ୍ତାନ ମାଟିରେ ବିଜୟର ମିଠା ସ୍ୱାଦ ଚାଖିବା ଲକ୍ଷ୍ୟରେ ଥିବା ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍ ହରାଇ ୫୧ ରନ୍ କରିଥିଲା । ଫଳରେ ମ୍ୟାଚ୍ ରୋମାଞ୍ଚକ ମୋଡ଼ରେ ରହିବା ସହ ଉଭୟ ଦଳ ପାଇଁ ସୁଯୋଗ ରହିଥିଲା । ତେବେ ପ୍ରଥମ ଦୁଇ ଅଧିବେଶନରେ ଅଗ୍ନିବର୍ଷୀ ବୋଲିଂ କରି ପାକିସ୍ତାନ ବୋଲର ବାଜି ପଲଟାଇ ଦେଇଥିଲେ । ନୋମାନ ଅଲୀ ଓ ଦ୍ରୁତ ବୋଲର ସାହିନ ସାହ ଆଫ୍ରିଦି ୪ଟି ଲେଖାଏଁ ୱିକେଟ୍ ନେଇ ପାକିସ୍ତାନ ବିଜୟକୁ ପକ୍କା କରି ଦେଇଥିଲେ । ନୋମାନ ନିଜ ସ୍ପିନ୍ ମାଡ଼ରେ ଦକ୍ଷିଣ ଆଫ୍ରିକାର ଅଣ୍ଟା ଭାଙ୍ଗି ଦେବା ପରେ ଆଫ୍ରିଦି ଗୋଟିଏ ଓଭରରେ ଦୁଇଟି ୱିକେଟ୍ ନେଇ ପାକିସ୍ତାନ ବିଜୟରେ ମୁଣ୍ଡି ମାରିଥିଲେ । ମୃଦୁ ପାନୀୟ ବିରତିର କିଛି ମିନିଟ୍ ପରେ ପରେ ହିଁ ଦକ୍ଷିଣ ଆଫ୍ରିକା ଅଲ୍‌ଆଉଟ୍ ହୋଇଯାଇଥିଲା ।

ଦଳ ପକ୍ଷରୁ ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୫୪ ରନ୍ କରିଥିଲେ । ଅନ୍ୟ କୌଣସି ବ୍ୟାଟର ପାକିସ୍ତାନ ବୋଲରଙ୍କ ସଠିକ୍ ମୁକାବିଲା କରି ପାରି ନଥିଲେ । ଏହା ପୂର୍ବରୁ ପାକିସ୍ତାନ ତା'ର ପ୍ରଥମ ପାଳିରେ ୩୭୮ ରନ୍ କରିଥିଲା । ପରେ ଦକ୍ଷିଣ ଆଫ୍ରିକାକୁ ୨୬୯ ରନ୍‌ରେ ଅଟକାଇ ଦେଇଥିଲା । ଦ୍ୱିତୀୟ ପାଳିରେ ପାକିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୭ ରନ୍‌ରେ ଅଲ୍‌ଆଉଟ୍ ହୋଇ ଯାଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଏଥିରୁ କୌଣସି ଫାଇଦା ଉଠାଇ ପାରି ନଥିଲା ।

# ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟନ କଲେ ଡିଜିପି ୱାଇବି ଖୁରାନିଆ

**କଟକ**

କ୍ରାଇମ୍‌ବ୍ରାଞ୍ଚ୍ ଆନୁକୂଲ୍ୟରେ କଟକ ବକ୍ସିବଜାର ସ୍ଥିତ ରିଜର୍ଭ ପୁଲିସ ପଡ଼ିଆଠାରେ ୭୦ତମ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହା ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଡିଜିପି ୱାଇବି ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ସେହିପରି ରାଜ୍ୟ ପୁଲିସର ବିଭିନ୍ନ ଏଷ୍ଟାବ୍ଲିସ୍‌ମେଣ୍ଟ୍‌ର ମୁଖ୍ୟ ତଥା ବରିଷ୍ଠ ଆଇପିଏସ୍ ଅଫିସରମାନେ ଉପସ୍ଥିତ ଅଛନ୍ତି । ଏଥିଲାଗି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି । ଏହି ବୃତ୍ତିଗତ ପ୍ରତିଯୋଗିତାରେ ରାଜ୍ୟର ୩୪ଟି ପୋଲିସ ଜିଲ୍ଲାରୁ ୨୮୨ ଜଣ ପ୍ରତିଯୋଗୀ, ୪୩ ଶ୍ୱାନ, ୪୩ ଜଣ ହ୍ୟାଣ୍ଡେଲର ଅଂଶ ଗ୍ରହଣ କରିଛନ୍ତି । ୪୨ ଜଣ ଇନ୍‌ସପେକ୍ଟର, ୩୪ ଜଣ ଏସ.ଆଇ, ୫୯ ଜଣ ଏ.ଏସ.ଆଇ, ୧୬ ଜଣ ହାବିଲଦାର, ୧୩୧ ଜଣ କନଷ୍ଟେବଲ ଏବଂ ୪୩ଟି ପୋଲିସ ଶ୍ୱାନ (କେ-୯) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ।




ଏହି ଅବସରରେ ଡିଜିପି ଖୁରାନିଆ ଅପରାଧ ନିରାକରଣ ଏବଂ ଅପରାଧ ଅନୁସନ୍ଧାନ ପୋଲିସର ମୁଖ୍ୟ ଦାୟିତ୍ୱ ବୋଲି କହିବା ସହ ଦୋଷୀଟିଏ ଉପଯୁକ୍ତ ଦଣ୍ଡ ପାଇବାରେ ପୋଲିସର ମୁଖ୍ୟ ଭୂମିକା ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ । ପୋଲିସର ତଦନ୍ତ ସଠିକ୍ ହୋଇନଥିଲେ ଦୋଷୀ ଖସି ଯିବାର ବହୁତ ସମ୍ଭାବନା ଥାଏ ତେଣୁ ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ସଂକ୍ରାନ୍ତରେ ସେ ଗୁରୁତ୍ୱାରୋପ କରିଥିଲେ । ପୋକ୍‌ସୋ ମାମଲା ଗୁଡ଼ିକରେ ତଦନ୍ତଶୈଳୀ, ବୃତ୍ତିଗତ ଦକ୍ଷତା, ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଯୋଗୁଁ ଖୁବ୍ କମ୍ ସମୟ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଦୋଷୀ ସାବ୍ୟସ୍ତ ଏବଂ କଠୋର ଦଣ୍ଡରେ ଦଣ୍ଡିତ କରାଯାଇ ପାରିଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ । ଏହା ସହ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ, ଚୋରା ବନ୍ଧୁକ କାରବାର, ଗଞ୍ଜେଇ ଚୋରା ଚାଲାଣ, ବ୍ରାଉନ ସୁଗର ଜବତ ଏବଂ ଗଞ୍ଜେଇ ଚାଷ ବିରୁଦ୍ଧରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡିଜିପି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ପୋଲିସ ପକ୍ଷରୁ ଅପରେସନ 'ପ୍ରହାର', 'ଗଜ', 'ଚକ୍ର', 'ଅଗ୍ନି', 'ଗରୁଡ଼' ଭଳି ଅଭିଯାନ ଆରମ୍ଭ କରାଯାଇ ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମଧ୍ୟ ସେ କହିଥିଲେ ।

ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା, ହିଂସାକୁ ରୋକିବା ଏବଂ ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଡିଜିପି କହିବା ସହିତ ନାଗରିକମାନେ ଯେପରି ଭୟ ଏବଂ ବିପଦରୁ ମୁକ୍ତ ରହିପାରିବେ ତାହା ସୁନିଶ୍ଚିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମଧ୍ୟ ଡିଜିପି କହିଥିଲେ । ଆଗାମୀ ଦିନରେ ପୋଲିସର ବୃତ୍ତିଗତ ଦକ୍ଷତା ବୃଦ୍ଧି, ଫରେନସିକ ତଦନ୍ତ ଏବଂ ସାଇବର ଅପରାଧରେ ଦକ୍ଷତା ହାସଲ ସମ୍ପର୍କରେ ଲକ୍ଷ୍ୟ ରଖାଯାଇଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ । ଏହି ପ୍ରତିଯୋଗିତାରେ ଆଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନ କୌଶଳର ଦକ୍ଷତା, ଫଟୋଗ୍ରାଫି, ନିରୀକ୍ଷଣ ପରୀକ୍ଷା, ସାଇବର ଅପରାଧ ଓ ସଂନିରୀକ୍ଷଣ, ପୋଲିସ ଆଇନ କାନୁନ, ପୋଲିସ ରୂପଚିତ୍ର, ମେଡିକୋ-ଲିଗାଲ, ପୋଲିସ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆରକ୍ଷୀ ମହାନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ, ବିନୟତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି । ଏହି ଅବସରରେ ସେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡି.ଆଇ.ଜି, କ୍ରାଇମବ୍ରାଞ୍ଚ, ବି. ଗଙ୍ଗାଧର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ପୋଲିସର ବହୁ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମହିଳା ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ବଡ଼ ବିଜୟ

**ବିଶାଖାପାଟଣା**

ଅଧିନାୟିକା ଆଲିସା ହିଲିଙ୍କ ଅପରାଜିତ ଶତକ ଓ ଫୋଏବେ ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ୧୦ ୱିକେଟରେ ଜିତି ନେଇଛି । ଏହା ଅଷ୍ଟ୍ରେଲିଆର ଚତୁର୍ଥ ବିଜୟ । ଏହି ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୫ ମ୍ୟାଚ୍‌ରେ ୯ ପଏଣ୍ଟ ସହ ଶୀର୍ଷକୁ ଫେରିଛି ।

ଟସ୍ ଜିତି ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୧୯୮ ରନ କରିଥିଲା । ଦଳ ପାଇଁ ସୋଭନା ମୋଷ୍ଟାରୀ ଅପରାଜିତ ୬୬ (୯ ଚୌକା) ଓ ରୁବ୍ୟା ହାଇଦର ୪୪ (୮ ଚୌକା) ରନ କରିଥିଲେ । ଅଷ୍ଟ୍ରେଲିଆ ପାଇଁ ଆଶଲେ ଗାର୍ଡନର, ଆଲାନା କିଙ୍ଗ, ଆବାବେଲ ସଦରଲାଣ୍ଡ ଓ ଜର୍ଜିଆ ୱାରେହମ ୨ ଲେଖାଏଁ ୱିକେଟ ନେଇଥିଲେ । ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦଳକୁ ଅଲଆଉଟ୍ କରିବାରେ ପ୍ରଥମଥର ପାଇଁ ବିଫଳ ହୋଇଥିଲା । ଜବାବରେ ଅଷ୍ଟ୍ରେଲିଆ ୨୪.୫ ଓଭରରେ ବିନା ୱିକେଟରେ ୨୦୨ ରନ କରି ମ୍ୟାଚ୍ ଜିତି ନେଇଥିଲା । ଅଧିନାୟିକା ହିଲି ୧୧୩ (୨୦ ଚୌକା) ଓ ଲିଚ୍‌ଫିଲ୍ଡ ୮୪ (୧୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ । ଏହା ହିଲିଙ୍କ ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଶତକ ଥିଲା ।

# ନଭେମ୍ବର ୨୪ରୁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଯୋଗଦେବେ ୫ହଜାରରୁ ଉର୍ଦ୍ଧ୍ୱ ଆଥ୍‌ଲେଟ

**ନୂଆଦିଲ୍ଲୀ**

ପଞ୍ଚମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ରାଜସ୍ଥାନର ୭ଟି ସହରରେ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ପ୍ରଥମ ଥର ପାଇଁ ଏଥିରେ ବିଚ୍ ଭଲିବଲ, କାନୋଇଂ ଓ କାୟାକିଂ ଏବଂ ସାଇକ୍ଲିଂ ଓ ଖୋ-ଖୋକୁ ସାମିଲ କରାଯାଇଛି । ୨୩ କ୍ରୀଡ଼ା ପଦକ ପାଇଁ ପ୍ରତିଯୋଗିତା ହେବ । ଏଥିରେ ଖୋ ଖୋକୁ ପ୍ରଦର୍ଶନ ଖେଳ ଭାବେ ସ୍ଥାନ ମିଳିଛି । ଚଳିତବର୍ଷ ପ୍ରଥମ ଭାଗରେ ବିହାରରେ ୟୁଥ୍ ଗେମ୍ସ ଭଳି ରାଜସ୍ଥାନର ୭ଟି ସହର ଜୟପୁର, ଆଜ୍‌ମିର, ଉଦୟପୁର, ଯୋଦ୍ଧପୁର, ବିକାନେର, କୋଟା ଓ ଭରତପୁରଠାରେ ଅନୁଷ୍ଠିତ ହେବ । ୧୨ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ୟୁନଭର୍ସିଟି ଗେମ୍ସରେ ୫,୦୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି ।

# ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ



**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡ଼ିୟମ ଇଣ୍ଡୋର ଦୌଡ଼କୁଦ ହଲ୍‌ରେ ଚାଲିଥିବା ୨୮ତମ ଏସୀୟ ଦଳଗତ ଟେବୁଲଟେନିସ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଚୀନ ଉଭୟ ପୁରୁଷ ଓ ମହିଳାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ପୁରୁଷ ବିଭାଗ ଫାଇନାଲରେ ଚୀନ ୩-୦ ଗେମରେ ହଂକଂକୁ ଓ ମହିଳାରେ ଚୀନ୍ ୩-୦ ଗେମ୍‌ରେ ଜାପାନକୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ବୁଧବାର ମହିଳା ଦଳଗତ ଫାଇନାଲରେ ବିଶ୍ୱର ଏକ ନମ୍ବର ଦଳ ଚୀନ ଓ ଜାପାନ ମଧ୍ୟରେ ଖେଳାଯାଇଥିଲା । ଚୀନ ୩-୦ ଗେମରେ ଜାପାନକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ଚୀନ ପକ୍ଷରୁ ପ୍ରଥମ ଗେମ୍‌କୁ ୱାଙ୍ଗ ମାନ୍‌ୟୁ ୧୦-୧୨, ୧୧-୩, ୧୧-୬ ଓ ୧୧-୩ରେ ଜାପାନର ହାସିମୋଟୋ ହୋନାକୋଙ୍କୁ ପରାସ୍ତ କରି ଦଳକୁ ୧-୦ରେ ଆଗୁଆ କରିଥିଲେ । ମାନ୍‌ୟୁ ପ୍ରଥମ ଗେମ୍‌କୁ ୧୦-୧୨ରେ ପରାଜିତ ହୋଇଥିବାବେଳେ କ୍ରମାଗତ ୩ଟି ଗେମ୍‌କୁ ୧୧-୩, ୧୧-୬ ଓ ୧୧-୩ରେ ବିଜୟୀ ହୋଇଥିଲେ । ଦ୍ୱିତୀୟ ଗେମ୍‌କୁ ଚୁଙ୍ଗ ୟାଙ୍ଗିସା ୧୧-୯, ୧୧-୫ ଓ ୧୧-୭ରେ ଜାପାନର ହାରିମୋଟୋ ମିୱାଙ୍କୁ ପରାସ୍ତ କରି ଦଳକୁ ୨-୦ରେ ଆଗୁଆ କରିଥିଲେ । ତୃତୀୟ ଗେମ୍‌କୁ କୁଇମୁନ ୮-୧୧, ୧୨-୧୦, ୧୧-୬ ଓ ୧୧-୯ରେ ଜାପାନର ହାୟାତା ହିନାଙ୍କୁ ପରାସ୍ତ କରି ଦଳକୁ ୩-୦ରେ ବିଜୟୀ କରାଇଥିଲେ ।

ପୁରୁଷ ଦଳଗତ ଫାଇନାଲରେ ଚୀନ ୩-୦ ଗେମରେ ହଂକଂକୁ ପରାସ୍ତ କରି ଟାଇଟଲ ବଜାୟ ରଖିଛି । ବିଶ୍ୱର ଏକ ନମ୍ବର ଦଳ ଚୀନ ପକ୍ଷରୁ ପ୍ରଥମ ଗେମ୍‌କୁ ଲିଙ୍ଗ ସିଡଙ୍ଗ ୧୧-୮, ୧୧-୪ ଓ ୧୧-୪ରେ ହଂକଂର ୱାଙ୍ଗ ଚାଙ୍ଗ ଟିଙ୍ଗଙ୍କୁ ପରାସ୍ତ କରି ୧-୦ରେ ଆଗୁଆ କରିଥିଲେ । ଦ୍ୱିତୀୟ ଗେମ୍‌କୁ ଚୀନର ୱାଙ୍ଗ ଚିକ୍ୱିଙ୍ଗ ୩-୧ରେ ହଂକଂର ଚାନ ବାଇଡୋନଙ୍କୁ ପରାସ୍ତ କରିଥିଲେ । ଚିକ୍ୱିଙ୍ଗ ପ୍ରଥମ ଗେମ୍‌କୁ ୧୨-୧୦, ଦ୍ୱିତୀୟ ଗେମ୍‌କୁ ୧୧-୯ରେ ଜିତିଥିବାବେଳେ ତୃତୀୟ ଗେମ୍‌କୁ ଚିଙ୍ଗ ୧୧-୫ରେ ଜିତିଥିଲେ । ଚତୁର୍ଥ ଗେମ୍‌କୁ ଚିକ୍ୱିଙ୍ଗ ୧୪-୧୨ରେ ଜିତି ଦଳକୁ ୨-୦ରେ ଆଗୁଆ କରିଥିଲେ । ୩ୟ ଗେମ୍‌କୁ ଚୀନର ଲିୟାଙ୍ଗ ଜାନକୁଙ୍ଗ ୧୩-୧୧, ୧୧-୬ ଓ ୧୨-୧୦ରେ ହଂକଂର ୱି କୋନ ଟୋଙ୍କୁ ପରାସ୍ତ କରି ଦଳକୁ ୩-୦ରେ ବିଜୟୀ କରାଇଥିଲେ । ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତୀୟ ଟେବୁଲଟେନିସ ମହାସଂଘର ସମ୍ପାଦକ କମହେଶ ମେହେଟା, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଓଡ଼ିଶା ରାଜ୍ୟ ଟେବୁଲଟେନିସ ଆସୋସିଏସନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଆଇଏଏସ୍ ଦୀପଙ୍କର ମହାପାତ୍ର ଯୋଗ ଦେଇ କୃତି ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଗତ ୧୦ରୁ ଚାଲିଥିବା ଉକ୍ତ ପ୍ରତିଯୋଗିତାରେ ୨୨ଟି ଦେଶ ଅଂଶଗ୍ରହଣ କରିଥିଲେ । ଆୟୋଜକ ଭାରତୀୟ ପୁରୁଷରେ ୬ମ ଓ ମହିଳାରେ ୮ମ ସ୍ଥାନ ହାସଲ କରିଥିଲା ।

# ଫରେଷ୍ଟ ସ୍ପୋର୍ଟସ୍ ମିଟ୍ ସ୍ୱର୍ଣ୍ଣପଦକ ଜିତିଲେ ଡିଏଫ୍‌ଓ

**ଭଞ୍ଜନଗର**

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ୧୧ ଓ ୧୨ ତାରିଖ ଦୁଇଦିନ ଧରି ରାଜ୍ୟ ସ୍ତରୀୟ ଫରେଷ୍ଟ ସ୍ପୋର୍ଟସ୍ ମିଟ୍ ୨୦୨୫ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ବନଖଣ୍ଡରୁ ଆସିଥିବା ଶତାଧିକ ବନରକ୍ଷୀ, ବନପାଳ, ଡେପୁଟି ରେଞ୍ଜର, ରେଞ୍ଜର, ଏସିଏଫ୍, ଡିଏଫ୍‌ଓ, କର୍ମଚାରୀ ପ୍ରମୁଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ବିଜୟୀ ହୋଇଛନ୍ତି । ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡକୁ ୬ଟି ପଦକ ମିଳିଥିବା ବେଳେ ଘୁମୁସର ଦକ୍ଷିଣ ବନଖଣ୍ଡକୁ ୮ଟି ପଦକ ମିଳିଛି । ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରିଣୀ ବିପାସା ପାରୁଲ (ଆଇ.ଏଫ୍.ଏସ୍) ଟେବୁଲ ଟେନିସ୍‌ରେ ସ୍ୱର୍ଣ୍ଣ ଓ ରୌପ୍ୟ ଦୁଇଟି ପଦକ ପାଇଛନ୍ତି । ଏଥିସହ ବନରକ୍ଷୀ ଚୁମ୍‌କି ନାୟକ ଚେସ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଦୁଇଟି ପଦକ ପାଇଛନ୍ତି । ରାଜ କିଶୋର ବେହେରା ଲଙ୍ଗ୍‌ଜମ୍ପ୍ ଏବଂ ଟ୍ରିପଲ ଜମ୍ପ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଦୁଇଟି ପଦକ ବିଜୟୀ ହୋଇଛନ୍ତି । ଧନେଶ୍ୱର ମିଞ୍ଜ୍ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ, ପିଣ୍ଟୁ ସେଠୀ ସାଇକେଲ ଚାଳନାରେ ସିଲଭର ପଦକ ବିଜୟୀ ହୋଇଛନ୍ତି ।




ସେହିଭଳି ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ଡେପୁଟି ରେଞ୍ଜର ପ୍ରଶାନ୍ତ ବେହେରା ୨ଟି ପଦକ ବିଜୟୀ ହୋଇଥିବା ବେଳେ ବନରକ୍ଷୀ ପି. ମୋହନ ଗୋଟିଏ, ସୋନମ କହଁର ୨ଟି ଓ ବନପାଳ ଦିଲ୍ଲୀପ ଦାସ ଗୋଟିଏ ପଦକ ବିଜୟୀ ହୋଇଛନ୍ତି । ଦୁଇ ବନଖଣ୍ଡର କର୍ମଚାରୀ ରାଜ୍ୟ ସ୍ତରୀୟ ଫରେଷ୍ଟ ସ୍ପୋର୍ଟସ ମିଟ୍‌ରେ ପଦକ ବିଜୟୀକୁ ନେଇ ସମସ୍ତ କର୍ମଚାରୀ ଖୁସିବ୍ୟକ୍ତ କରିଛନ୍ତି ।

# ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ସାଧାରଣ ସଭା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ଇତି ମଧ୍ୟରେ ସାଂସଦ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ଭେଟି ଭୁବନେଶ୍ୱର ପାଇଁ ସକାଳ ଇଣ୍ଟରସିଟି ବିଷୟରେ ଆଲୋଚନା ହୋଇଥିଲା । ପରେ ପୁଣିଥରେ ସର୍କିଟ ହାଉସରେ ସାଂସଦଙ୍କୁ ଭେଟି ଉକ୍ତ ଦାବି ଉପରେ ରେଳବାଇ ତରଫରୁ କି ପଦକ୍ଷେପ ନିଆଯାଉଛି, ସେଥି ପାଇଁ ଫୋନ୍ ଯୋଗେ ଏହି ତଥ୍ୟ ମାଗିବା ତଥା ଚାପ ପ୍ରୟୋଗ କରିବା ବିଷୟ ଆଲୋଚିତ ହୋଇଥିଲା । ସାଂସଦ ଶ୍ରୀ ପୁରୋହିତ ସମସ୍ତଙ୍କ ସମ୍ମୁଖରେ ମହାପ୍ରବନ୍ଧକଙ୍କୁ ଫୋନ୍‌ରେ ଦାବି କରିଥିବା ସକାଳ ଇଣ୍ଟରସିଟିକୁ ଚଳାଇବା ପାଇଁ ଶୀଘ୍ର ପଦକ୍ଷେପ ନେବା ପାଇଁ ଜଣାଇଥିଲେ ।



ସମ୍ବଲପୁର ମଣ୍ଡଳ ପ୍ରବନ୍ଧକଙ୍କୁ ପ୍ରତିନିଧିମଣ୍ଡଳୀ ଭେଟି ଟ୍ରେନ ଗୁଡ଼ିକର ରହଣୀ ୫ ମିନିଟ କରିବା, ସବୱେରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଯଥେଷ୍ଟ ଲାଇଟ୍ ଓ ସିସିଟିଭି ଲଗାଇବା, ରେମ୍ପ୍ ନିର୍ମାଣ, ନାଗାବଳୀ ଏକ୍ସପ୍ରେସର ପୁରୁଣା କୋଚ ବଦଳାଇ ନୂଆ କୋଚ ଲଗାଇବା, ସ୍ପେଶାଲ ଟ୍ରେନର ବରଗଡ଼ରେ ରହଣୀ ଇତ୍ୟାଦି ବିଷୟରେ ହୋଇଥିବା ଦାବିକୁ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଅନେକ ସଦସ୍ୟ ଭୁବନେଶ୍ୱରକୁ ସକାଳ ଇଣ୍ଟରସିଟି ପାଇଁ ଅନେକ ଦିନରୁ ଉଦ୍ୟମ କରିବା ସତ୍ତ୍ୱେ ରେଳବିଭାଗର ବିଭିନ୍ନ ବାହାନାବାଜି କରୁଥିବା ହେତୁ ଆନ୍ଦୋଳନ ପନ୍ଥା ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ପ୍ରଥମଥର ପାଇଁ ବରଗଡ଼ ସାଂସଦ ନିଜେ ଆଗ୍ରହର ସହିତ ଏ ଦିଗରେ ଚେଷ୍ଟା କରୁଥିବାରୁ କିଛିଦିନ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ନିଷ୍ପତ୍ତି ନିଆଗଲା । ପରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯିବାକୁ ସ୍ଥିର କରାଗଲା । ବରଗଡ଼ ଷ୍ଟେସନରେ କୋଚ ଡିସପ୍ଲେ ସିଷ୍ଟମ ଲାଗିଥିବା ସତ୍ତ୍ୱେ କେବେକେବେ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଚଳାଯାଉ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି । ଏଥିପାଇଁ ଏକ ପ୍ରତିନିଧିଦଳ ଷ୍ଟେସନ ଯାଇ ଏହାକୁ ନିୟମିତ ଚଳାଇବାକୁ ସୁନିଶ୍ଚିତ କରିବାକୁ ପ୍ରୟାସ କରିବେ । ନୂତନ ସଦସ୍ୟ ଭାବେ ବିନୟ ଲାଠ ଯୋଗ ଦେଇଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂହ ଓ ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ ତଥା ଅନ୍ୟାନ୍ୟ ସଦସ୍ୟ ଭାରତ ଭୂଷଣ ଦାଶ, ମଳୟ ମହାନ୍ତି, ଅଭୟ କୁମାର ଭୋଇ, ସତ୍ୟନାରାୟଣ ପଣ୍ଡା, ତୁଳସୀ ଚରଣ ଦାଶ, ଉଦ୍ଧବ ଚରଣ ବେହେରା, ରାମକୃଷ୍ଣ ମେହେର, ବିଷ୍ଣୁ ପ୍ରସାଦ ଧାନୁକା, ଲକି ମୀରୱାନି, ସି ଏମ ରାଓ, ହରେକୃଷ୍ଣ ସାହୁ, ଅମିତ କୁମାର ସାହୁ, ପ୍ରଫୁଲ୍ଲ କୁମାର ନନ୍ଦ, ମହମ୍ମଦ ଅସଲମ, ଅନିଲ କୁମାର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।

# ରୋହିତଙ୍କ କ୍ୟାରିୟରକୁ ସଙ୍କଟରେ ପକାଇଥିଲେ ଶୁବମନ ଗିଲ

**ନୂଆଦିଲ୍ଲୀ**

ଟିମ ଇଣ୍ଡିଆର ଦୁଇ ଷ୍ଟାର ଓପନର ରୋହିତ ଶର୍ମା ଏବଂ ଶୁବମନ ଗିଲ ପୁଣିଥରେ ଚର୍ଚ୍ଚାରେ ଅଛନ୍ତି । ବିସିସିଆଇ ନିକଟରେ ରୋହିତଙ୍କ ଠାରୁ ଯୁବ ଗିଲଙ୍କ ଏକଦିବସୀୟ ଦଳର ଅଧିନାୟକତ୍ୱ ହସ୍ତାନ୍ତର କରିଛି । ନୂଆଦିଲ୍ଲୀ ବିମାନବନ୍ଦରରେ ସେମାନଙ୍କ ସାକ୍ଷାତର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏଥିରେ ଗିଲ ଏବଂ ରୋହିତ ପରସ୍ପରକୁ ଆଲିଙ୍ଗନ କରୁଥିବାର ଦେଖାଯାଉଛି । ଏହି ବନ୍ଧୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଏକ ପୁରୁଣା ଏବଂ ବିବାଦୀୟ କାହାଣୀ ଭାଇରାଲ ହେଉଛି । ଗିଲଙ୍କ ଏକ ଭୁଲ ରୋହିତ ଶର୍ମାଙ୍କ କ୍ୟାରିଅରକୁ ବିପଦରେ ପକାଇଥିଲା ।

ଏହା ୨୦୨୪ରେ ମୋହାଲିରେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ଟି୨୦ ସିରିଜ୍ ଖେଳାଯାଉ ଥିଲା । ଏହି ସିରିଜରେ ରୋହିତ ଶର୍ମା ୧୪ ମାସ ପରେ ଟି୨୦ କ୍ରିକେଟକୁ ଫେରିଥିଲେ । ଦଳକୁ ଫେରିବା ନେଇ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିଲା, କିନ୍ତୁ ସେହି ଦିନ ଏକ ଘଟଣା ସମସ୍ତଙ୍କୁ ଚକିତ କରିଦେଇଥିଲା । ଯାହା ଯୋଗୁ ରୋହିତ ପଡ଼ିଆରେ ଏକ ପ୍ରବଳ ଯୁକ୍ତିତର୍କରେ ଉତକ୍ଷିପ୍ତ ହୋଇଯାଇଥିଲେ ।




ଇନିଂସର ଦ୍ୱିତୀୟ ବଲରେ, ରୋହିତ ଏବଂ ଗିଲ ମଧ୍ୟରେ ଏକ ରନକୁ ନେଇ ଏକ ଭୁଲ ବୁଝାମଣା ହୋଇଥିଲା । ରୋହିତ 'ହଁ' ଡାକି ଦୌଡ଼ିଥିଲେ, କିନ୍ତୁ ଗିଲଙ୍କ ସମ୍ପୂର୍ଣ୍ଣ ଧ୍ୟାନ ବଲ ଉପରେ ଥିଲା ଏବଂ ସେ କ୍ରିଜ୍‌ରୁ ଯାଇ ନ ଥିଲେ । ଫଳସ୍ୱରୂପ ରୋହିତ ରନ ଆଉଟ ହୋଇଗଲେ । ହିଟ୍‌ମ୍ୟାନ ଖାତା ନ ଖୋଲି ପାଭିଲିୟନରୁ ଫେରିଯାଇଲେ ଏବଂ ସମଗ୍ର ଷ୍ଟାଡିୟମ ନୀରବ ହୋଇଗଲା ।

ରନ୍‌ଆଉଟ ପରେ, ରୋହିତ ଶର୍ମା ରାଗିଯାଇଥିଲେ । ସେ ପଡ଼ିଆରେ ଗିଲଙ୍କୁ ଦେଖି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ରୋହିତ ଆଉ ଟି୨୦ ଖେଳିପାରିବେ କି ନାହିଁ ସେ ବିଷୟରେ ବିତର୍କ ଆରମ୍ଭ ହୋଇଯାଇଥିଲା, କାରଣ ଏହା ତାଙ୍କର ଷଷ୍ଠ ରନ ଆଉଟ ଥିଲା ଏବଂ ଏହି ରନ ଆଉଟ ତାଙ୍କ କ୍ୟାରିଅରକୁ ବିପଦରେ ପକାଇ ଦେଇଥିଲା ।

ମ୍ୟାଚ୍ ପରେ ରୋହିତଙ୍କୁ ଘଟଣା ବିଷୟରେ ପଚରାଯିବାରୁ, ସେ ସଂଯମତା ପ୍ରଦର୍ଶନ କରି କହିଥିଲେ, କ୍ରୀଡ଼ାରେ ଏସବୁ ଘଟେ । ସବୁକିଛି ଆପଣଙ୍କ ଇଚ୍ଛାରେ ହୁଏ ନାହିଁ । ଦଳ ମ୍ୟାଚ୍ ଜିତିଗଲା, ଏହା ହିଁ ଗୁରୁତ୍ୱପୂର୍ଣ୍ଣ । ସମୟ ବଦଳି ଯାଇଛି, ପରିସ୍ଥିତି ବଦଳି ଯାଇଛି । ଆଜି ସେହି ଶୁବମନ ଗିଲ ଟିମ୍ ଇଣ୍ଡିଆର ଟେଷ୍ଟ ଏବଂ ଦିନିକିଆ ଅଧିନାୟକ । ରୋହିତ ଶର୍ମା ତାଙ୍କ ଅଧିନାୟକତ୍ୱରେ ଖେଳୁଛନ୍ତି । କ୍ରିକେଟରେ ଏହି ପରିବର୍ତ୍ତନ ସ୍ୱାଭାବିକ, କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଗିଲଙ୍କୁ ଏବେ ଟିମ୍ ଇଣ୍ଡିଆର ଭବିଷ୍ୟତ ବୋଲି ବିବେଚନା କରାଯାଉଛି । ରୋହିତ ୨୦୨୭ ଦିନିକିଆ ବିଶ୍ୱକପ ସୁଦ୍ଧା ୪୦ ବର୍ଷ ବୟସର ହେବେ । ଦଳକୁ ଏବେ ଏକ ନୂତନ ଦୃଷ୍ଟିକୋଣ ଏବଂ ନୂତନ ଶକ୍ତିର ଆବଶ୍ୟକତା ଅଛି, ଯାହା ଗିଲ ପ୍ରଦାନ କରୁଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଅକ୍ଟୋବର ୨୦୨୫ ଶୁକ୍ରବାର





# ବିଦେଶ ଗସ୍ତରେ ଓଡ଼ିଆଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ବାଚସ୍ପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ବାର୍ବାଡୋସ୍‌ର ବ୍ରିଜ୍ ଟାଉନ୍ ଠାରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପରେ ବ୍ରିଟେନ୍, ସୁଇଜରଲ୍ୟାଣ୍ଡ ଓ ଫ୍ରାନ୍ସ ଗସ୍ତ କରିଛନ୍ତି। ବାଚସ୍ପତି ପ୍ରଥମେ ବ୍ରିଟେନଠାରେ ପହଞ୍ଚିବା ପରେ ସେଠାରେ ଅବସ୍ଥାପିତ ଭାରତୀୟ ହାଇକମିଶନର ତାଙ୍କୁ ସ୍ୱାଗତ କରିଥିଲେ । ସେଠାରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରବାସୀ ଭାରତୀୟ ତଥା ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ରହିଥିବାବେଳେ ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବାକୁ ଯାଉଛି । ଓଡ଼ିଶାର ପ୍ରଗତିରେ ଆପଣମାନେ ଯୋଡ଼ି ହୁଅନ୍ତୁ। ପରେ ବାଚସ୍ପତି ସେଠାରେ ବ୍ରିଟିଶ୍ ମ୍ୟୁଜିୟମ୍ ସହ ବକିଂହାମ୍ ପ୍ୟାଲେସ୍ ବୁଲି ଦେଖିଥିଲେ । ବାଚସ୍ପତି ସୁଇଜରଲ୍ୟାଣ୍ଡର ଜୁରିକ୍ ଠାରେ ପହଞ୍ଚିବା ପରେ ସେଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ତାଙ୍କୁ ସ୍ୱାଗତ କରିବା ସହ ପ୍ରବାସୀ ଓଡ଼ିଆମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ । ଉପସ୍ଥିତ ପ୍ରବାସୀ ଓଡ଼ିଆଙ୍କୁ ବାଚସ୍ପତି କହିଲେ ଯେ ସୁବଠାରୁ ଖୁସିର କଥା ହେଉଛି ଯେ ଓଡ଼ିଶାଠାରୁ ଦୂରରେ ରହି ମଧ୍ୟ ଆପଣମାନେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରିଛନ୍ତି । ଏହି ଅବସରରେ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଶ୍ରୀ ଜୟଦେବ ମିଶ୍ର, ସୁଦୀପ ଦାସମହାପାତ୍ର, ସୌମ୍ୟସୁନ୍ଦର ଦାସ, ଶ୍ରୀନିଭାଏ ଗର୍ଲପତି, ନିଶାନ୍ତ ପତି ଓ ଡ. ଅଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ଠାରେ ପହଂଚିବା ପରେ ସେଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଓ ପ୍ରବାସୀ ଓଡ଼ିଆ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ବାଚସ୍ପତି କହିଲେ ଯେ ଓଡ଼ିଶା ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟି । ଆମର ପରିଚୟ ହେଉଛି ଜଗନ୍ନାଥ ସଂସ୍କୃତି । ଏହି ସଂସ୍କୃତିର ମହନୀୟତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ଆପଣମାନେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବେ ବୋଲି ବାଚସ୍ପତି ଆଶା ପ୍ରକାଶ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅକ୍ଟୋବର ୫ ତାରିଖରେ ବିଦେଶ ଗସ୍ତରେ ଯାଇଥିବାବେଳେ ଆସନ୍ତା ୧୯ ତାରିଖ ଦିନ ଓଡ଼ିଶା ପ୍ରତ୍ୟାବର୍ତ୍ତନର କାର୍ଯ୍ୟକ୍ରମ ରହିଛି ।

# ପାର୍ବଣ ଋତୁରେ ପୁରୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ଚାଲିବ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପାର୍ବଣ ଋତୁରେ ଅତିରିକ୍ତ ଭିଡ଼ ଦୂର କରିବା ପାଇଁ, ଭାରତୀୟ ରେଳବାଇ ପୁରୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ନିଷ୍ପତି ନେଇଛି। ଟ୍ରେନ୍ ନମ୍ବର ୦୪୪୦୮, ଆନନ୍ଦ ବିହାର – ପୁରୀ ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍, ତାରିଖ ୧୮.୧୦.୨୦୨୫ (ଶନିବାର) ରାତି ୨୩:୦୦ ଘଣ୍ଟା (ରାତି ୧୧ଟା) ରେ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ। ଟ୍ରେନ୍ ନମ୍ବର ୦୪୪୦୭, ପୁରୀ – ଆନନ୍ଦ ବିହାର ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍, ତାରିଖ ୨୦.୧୦.୨୦୨୫ (ସୋମବାର) ଦିନ ସନ୍ଧ୍ୟା ୧୬:୩୦ ଘଣ୍ଟା (ସନ୍ଧ୍ୟା ୪.୩୦ ଘଣ୍ଟା) ରେ ପୁରୀରୁ ଛାଡ଼ିବ। ପୁରୀ ଏବଂ ଆନନ୍ଦ ବିହାର ମଧ୍ୟରେ ଏହି ଟ୍ରେନ୍ ଗୁଡିକର ପ୍ରମୁଖ ରହଣି ସ୍ଥାନ ହେଉଛି, ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଟାଟାନଗର, ବୋକାରୋ ଷ୍ଟିଲ ସିଟି, ହଜାରିବାଗ ରୋଡ, ଗୟା, ପଣ୍ଡିତ ଡିନ୍ ଦୟାଲ ଉପାଧ୍ୟାୟ ଜଙ୍କସନ, ମିର୍ଜାପୁର ଏବଂ ଘାଜିଆବାଦ ସେହିପରି ଟ୍ରେନ୍ ନମ୍ବର ୦୮୪୭୫, ପୁରୀ- ହଜରତ ନିଜାମୁଦ୍ଦିନ ସ୍ପେଶାଲ୍ ଏକ୍ସପ୍ରେସ୍ ତାରିଖ ୧୯.୧୦.୨୦୧୫ (ରବିବାର) ପୁରୀରୁ ପ୍ରଭାତ ୦୪:୫୦ ଘଣ୍ଟାରେ ଯାତ୍ରା ଆରମ୍ଭ କରିବ । ପୁରୀ ଏବଂ ନିଜାମୁଦ୍ଦିନ ମଧ୍ୟରେ ଏହି ଟ୍ରେନ୍‌ର ପ୍ରମୁଖ ରହଣି ସ୍ଥାନଗୁଡ଼ିକ ହେଉଛି, ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର ସିଟି, ଝାରସୁଗୁଡା ରୋଡ୍, ବିଲାସପୁର, ଝାନ୍ସୀ ଏବଂ ଆଗ୍ରା କ୍ୟାଣ୍ଟ। ପାର୍ବଣ ଋତୁର ଯାତ୍ରୀଙ୍କ ଚାହିଦା ଏବଂ ସୁବିଧାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଟ୍ରେନ୍ ସେବାଗୁଡ଼ିକର ବ୍ୟବସ୍ଥା କରାଯାଇଛି, ଯାହା ପୂର୍ବତଟ ରେଳପଥର ପ୍ରମୁଖ ଷ୍ଟେସନ ଦେଇ ଯାତ୍ରା କରିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୂଆପଡାର ସାମଗ୍ରିକ ...

ନୂଆପଡାର ବିକାଶର ଦାୟିତ୍ୱ ମୁଁ ନେଇଛି, ଏହି ଜିଲ୍ଲାକୁ ରାଜ୍ୟର ବିକଶିତ ଓ ଶ୍ରେଷ୍ଠ ଜିଲ୍ଲା ବର୍ଗକୁ ନେବାର ଦାୟିତ୍ୱ ମୁଁ ନେଇଛି । ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖ ଦିନ ଜିଲ୍ଲା ଗସ୍ତ ଅବସରରେ ୧୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡିକର ଶିଳାନ୍ୟାସ ହୋଇଛି । ଗୋଟିଏ ଦିନରେ ଗୋଟିଏ ଜିଲ୍ଲାରେ ଏତେ ଟଙ୍କାର ପ୍ରକଳ୍ପ ଆଗରୁ କେବେ ହୋଇନଥିଲା । ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତା ଓ ବ୍ୟକ୍ତିଗତ ଭାବେ ମୋର ଉତ୍ତରଦାୟିତ୍ୱ ବୋଲି ଶ୍ରୀ ମାଝୀ କହିଛନ୍ତି।

ଅତୀତରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବାଲେଶ୍ୱର, ଧାମନଗର, ପଦ୍ମପୁର, ବିଜେପୁର ଆଦି ଉପନିର୍ବାଚନରେ ବିକାଶର ଦାୟିତ୍ୱ ମୋର ବୋଲି ଘୋଷା ପାଠ କରିଥାନ୍ତି, ଏବଂ ପରବର୍ତ୍ତୀ ସମୟରେ ଉପନିର୍ବାଚନ ପରେ, ସବୁ କଥା ଭୁଲି ଯାଇ ଦାୟିତ୍ୱ ବି ସାରି ଦେବାର କଥାକୁ ସମସ୍ତେ ମନେ ରଖିଛନ୍ତି । କିନ୍ତୁ ଆମ ସରକାରର ମନ୍ତ୍ର ହେଉଛି କଥା ଦେବୁ, କଥା ରଖିବୁ । କଥା ଦେଇ କଥା କେମିତି ରଖାଯାଏ, ତାହା ଗତ ପନ୍ଦର ମାସ ହେବ ଆମ ସରକାର ରାଜ୍ୟରେ କରୁଛନ୍ତି ଏବଂ ଗତ ୧୧ ବର୍ଷ ଧରି କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଆସୁଛନ୍ତି। ଆଜି ଯେତେବେଳେ ସମଗ୍ର ବିଶ୍ୱ ଏକ ଆର୍ଥିକ ସଙ୍କଟ ଦେଇ ଗତି କରୁଛି, ଭାରତର ଅର୍ଥନୀତି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ପ୍ରଦାନ ଏବଂ ସୁଭଦ୍ରା ଯୋଜନା ପାଇଁ ପାଞ୍ଚ ବର୍ଷକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇ ଏହାର ସୁଫଳ ୨୦ ଲକ୍ଷ ଅନ୍ନଦାତା ଏବଂ ଏକ କୋଟିରୁ ଉର୍ଦ୍ଧ୍ୱ ସୁଭଦ୍ରା ବି ପାଇଥିଲେ । ନୂଆପଡା ଜିଲ୍ଲାରୁ ଦୁଇ ଲକ୍ଷ ଚାଷୀ ଏବଂ ୧ ଲକ୍ଷ ୫୫ ହଜାର ମା’ ସୁଭଦ୍ରା ଯୋଜନାରୁ ଉପକୃତ ହୋଇଛନ୍ତି । ନିକଟ ଅତୀତରେ କେନ୍ଦ୍ର ସରକାର ଓଡିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯେଉଁଥିରେ ନୂଆପଡା ଜିଲ୍ଲାକୁ ଗୁରୁତ୍ୱ ମିଳିଛି । ବରଗଡ ରୋଡ – ନୂଆପଡା ରେଳ ଲାଇନ, ନୂଆପଡା – ଗୁଣପୁର – ଥେରୁବାଲି ରେଳ ଲାଇନ ପ୍ରକଳ୍ପ ସ୍ଥାନ ପାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

ଜଣେ ସମାଜସେବକ ଭାବେ ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ପାଇଁ କାର୍ଯ୍ୟ କରିବା ଓ ତାଙ୍କ ସୁଖଦୁଃଖରେ ଛିଡା ହେବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱଭାବ ଥିଲା । ଆଜି ତାଙ୍କ ଆବର୍ତ୍ତମାନରେ ତାଙ୍କର ସୁଯୋଗ୍ୟ ଦାୟାଦ ଜୟ ଢୋଲକିଆ ନିଜ ପିତାଙ୍କ ପଦାଙ୍କ ଅନୁସରଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଚାରଧାରା ଓ ବିକାଶର ଧାରାରେ ପ୍ରଭାବିତ ହୋଇ ବିଜେପିରେ ଯୋଗ ଦେଇଛନ୍ତି । ନୂଆପଡାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜ ପିତାଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ସମ୍ପର୍କରେ ଭଲ ଭାବେ ଅବଗତ ଥିବା ଜୟ ଢୋଲକିଆ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଏହି ଅଞ୍ଚଳର ବିକାଶ ପାଇଁ ନିର୍ଣ୍ଣାୟକ ମୁହୂର୍ତ୍ତ ହେବାକୁ ଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

ଜୟ ଢୋଲକିଆ ବିଜେପିରେ ସାମିଲ ହେବା ପରେ ବିଜେଡି ତରଫରୁ ଯେଉଁ ବ୍ୟକ୍ତିଗତ ଅଶାଳୀନ ମନ୍ତବ୍ୟ ଦିଆଯାଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ । ମାତ୍ର ଶାଳୀନତା ପାଇଁ ଜଣାଶୁଣା ନବୀନ ପଟ୍ଟନାୟକ ଏଭଳି ଘୃଣ୍ୟ ଟିପ୍ପଣୀକୁ ନିନ୍ଦା ନକରିବା ଅତ୍ୟନ୍ତ ମର୍ମାହତ କରିଛି ।

ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଜିଲ୍ଲାରେ ସୁଦୃଢ ସଂଗଠନ ଅଛି । ଢୋଲକିଆ ପରିବାରର ଜନପ୍ରିୟତା ଓ ନିଜ ବ୍ୟକ୍ତିଗତ ସଂଗଠନ ଅଛି । ଏବେ ଏହି ଡବଲ ଇଞ୍ଜିନ ତୃଣମୂଳ ସ୍ତରରେ କାନ୍ଧକୁ କାନ୍ଧ ମିଶାଇ କାର୍ଯ୍ୟ କରିବେ । ଏହି ନିର୍ବାଚନ ଏକପାଖିଆ ହେବ ଏବଂ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ସଂଖ୍ୟାରେ ଭୋଟ ହାସଲ କରି ନିର୍ବାଚିତ ହେବେ । ଏହି ବିଶ୍ୱାସ କେବଳ ମୋର ନୁହେଁ, ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ଅଛି ବୋଲି ଶ୍ରୀ ମାଝୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେବାକୁ ଲୋକ ଆସିଛନ୍ତି । ଆମେ ଅକ୍ଲାନ୍ତ ପରିଶ୍ରମ କରି ଏଥର ବୃହତ ଓ ରେକର୍ଡ ବ୍ୟବଧାନରେ ବିଜୟୀ ହେବୁ ।

ବିଜେପି ଗୋଟିଏ ବିଚାର ଧାରାର ଦଳ । ୧୫ ମାସ ହେଲାଣି ମୋହନ ମାଝୀ ସରକାର ଗଠନ ହୋଇଛି । ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆଦିବାସୀଙ୍କୁ ଉଚିତ ସମ୍ମାନ ଦେଇଛି ବିଜେପି । ରାଜ୍ୟରୁ ରାଷ୍ଟ୍ରପତି ଓ ଜଣେ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଆଦିବାସୀ । ସେହିଭଳି ୩ ଜଣ ଆଦିବାସୀ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ସାମିଲ ଅଛନ୍ତି । ମାଟିକୁ ଲୁଟିବାର ଦଳ କଂଗ୍ରେସ । କୁକୁଡ଼ା ଦାନା ଦେଇକି ଗରିବ ଲୋକଙ୍କୁ ମାରୁଥିବା ଦଳ କଂଗ୍ରେସ । ନୂଆପଡାକୁ ଖିନଭିନ କରିଛି କଂଗ୍ରେସ ଦଳ ବୋଲି ପୂର୍ବତନ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ।

ମୋର ବାପା ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କ ଯେଉଁ ପ୍ରତିଜ୍ଞା ଥିଲା ତାକୁ ଗାଁ ନେବା ପାଇଁ ବିଜେପିରେ ସାମିଲ ହୋଇଛି । ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ସମାଜ ସେବା ଜାରି ରଖିବି । ସବୁ ଦିନ ପାଇଁ ମୋ ଘର ଦ୍ୱାର ଆପଣଙ୍କ ପାଇଁ ଖୋଲା ରହିବ ବୋଲି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ କହିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାଏକ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ବିଭୂତି ଜେନା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସମସ୍ତ ବିଧାୟକ ଗଣ, ସମସ୍ତ ପୂର୍ବତନ ବିଧାୟକ ଓ ସାଂସଦ ଗଣ, ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢୀ, ହୋମସିଂ ମାଝୀ, ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧକ୍ଷା ଡା.ସୋନିଆ ଜୈନ, ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ନବୀନଙ୍କୁ ଫୋନ...

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ପୁରୀ ବେଳାଭୂମିରେ ଏକ ବାଲୁକା କଳା ନିର୍ମାଣ କରିଛନ୍ତି।

ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପାଟି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା । ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସୁଦୀର୍ଘ ଜୀବନ ପ୍ରଦାନ କରନ୍ତୁ।

## ଛତିଶଗଡ଼ର...

ସଂଖ୍ୟା ୩୧ ମାର୍ଚ୍ଚ, ୨୦୨୬ ପୂର୍ବରୁ ନକ୍ସଲବାଦକୁ ଦୂର କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରେ।

କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ନକ୍ସଲବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲାର ସଂଖ୍ୟା ଛଅରୁ ତିନିକୁ ହ୍ରାସ କରାଯାଇଛି। ସେହିପରି, ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ଜିଲ୍ଲାର ସଂଖ୍ୟା ମଧ୍ୟ ୧୮ ରୁ ମାତ୍ର ୧୧ କୁ ହ୍ରାସ କରାଯାଇଛି। ଭାରତ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ନକ୍ସଲବାଦର ବିପଦରୁ ମୁକ୍ତ ହେବ। କେନ୍ଦ୍ର ସରକାର ଆସନ୍ତା ବର୍ଷ ୩୧ ମାର୍ଚ୍ଚ ସୁଦ୍ଧା ନକ୍ସଲ ସମସ୍ୟାକୁ ସମ୍ପୂର୍ଣ୍ଣ ସମାପ୍ତ କରିବାକୁ ପ୍ରତିବଦ୍ଧ।

## ଅପରେସନ ସିନ୍ଦୂର ...

କହିଛନ୍ତି ଯେ ଯେତେବେଳେ ସରକାର ରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ହେବା ଆରମ୍ଭ କରିଥିଲେ, ତେବେ ଆରମ୍ଭରେ ଏହା କଠିନ ଲାଗୁଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗୃହମନ୍ତ୍ରୀ ବିନିର୍ମାଣର ବିସ୍ତାରରେ କୌଣସି ଅବହେଳା କରିନାହାନ୍ତି।

## ରାଜ୍ୟ ସରକାରୀ...

ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ଦୁଇ ଦିନରେ...

ଆଇସି ଏବଂ ନେଲନାର ଏସି ସଚିବ), ଦୀପକ ପାଲୋ (ଡିଭିସିଏମ୍, ଆଇସି ଏବଂ ଇନ୍ଦ୍ରାବତୀ ଏସି ସଚିବ) ଙ୍କ ସମେତ ୧୦ ଜଣ ବରିଷ୍ଠ କାର୍ଯ୍ୟକର୍ତ୍ତା ଅଛନ୍ତି। ଟି. ବାସୁଦେଓ ରାଓ (ସିସିଏମ୍) ଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ଥିଲା। ଏସ୍. ଜେଡ୍. ସି. ଏମ୍. ପାହ୍ୟାର ପରିଚାଳକମାନଙ୍କ ଉପରେ ୨୫ ଲକ୍ଷ ଟଙ୍କା, ଡି. ଭି. ସି. ଏମ୍. ମାନଙ୍କ ଉପରେ ୧୦ ରୁ ୧୫ ଲକ୍ଷ ଟଙ୍କା ଏବଂ ଏ. ସି. ଏମ୍. ମାନଙ୍କ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ଥିଲା। ଏ. କେ.-୪୭, ଇନ୍ସାସ୍., ଏସ୍.ଏଲ୍.ଆର, ୩୦୩ ରାଇଫଲ୍ ଇତ୍ୟାଦି ସମେତ ବହୁ ସଂଖ୍ୟକ ସ୍ୱୟଂକ୍ରୀୟ ଅସ୍ତ୍ରଶସ୍ତ୍ର ସହିତ ସେମାନେ ଆତ୍ମସମର୍ପଣ କରିଛନ୍ତି।

# ଟ୍ରେନ୍‌ରେ ଆତଶବାଜି ବହନ ବିରୋଧରେ ବିଶେଷ ଅଭିଯାନ ଆରମ୍ଭ କଲା ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆସନ୍ତା ଦୀପାବଳି ପର୍ବକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଟ୍ରେନ୍ ରେ ଆତଶବାଜି ଓ ଅନ୍ୟାନ୍ୟ ଜ୍ୱଳନଶୀଳ ପଦାର୍ଥ ବହନ ବିରୋଧରେ ବିଶେଷ ଅଭିଯାନ ଆରମ୍ଭ କରିଛି । ଆତଶବାଜି, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ୍ ଇତ୍ୟାଦି ଜ୍ୱଳନଶୀଳ ପଦାର୍ଥ ଟ୍ରେନ୍‌ରେ ବହନ କରିବା ରେଲୱେ ଆକ୍ଟ, ୧୯୮୯ ଅନୁସାରେ ଗୁରୁତର ଅପରାଧ ଏବଂ ଏହା ପାଇଁ ଜୋରିମାନା କିମ୍ବା ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ । ଏଥି ପାଇଁ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ସମସ୍ତ ସମ୍ବନ୍ଧିତ ଅଧିକାରୀଙ୍କୁ ସତର୍କ ନଜର ରଖିବା ଓ ଯାତ୍ରୀ ଓ ସାମଗ୍ରୀ ଯାଞ୍ଚ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରେଳବାଇ ସୁରକ୍ଷା ବଳ ଓ ସରକାରୀ ରେଳ ପୋଲିସ ଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାମଗ୍ରୀ ଓ ପାର୍ସଲ ଲୋଡିଂ ପୂର୍ବରୁ ସୁନିଶ୍ଚିତ ଯାଞ୍ଚ କରାଯାଉଛି । ଏହା ସହିତ, ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ଅଭିଯାନ ଚାଲୁ ହୋଇଛି । ରେଲୱେ ଷ୍ଟେସନ୍ ଗୁଡିକରେ ଘୋଷଣା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଉଛି ଯେ ଯାତ୍ରା ସମୟରେ କୌଣସି ଜ୍ୱଳନଶୀଳ ବା ବିସ୍ଫୋରକ ପଦାର୍ଥ ଟ୍ରେନ ଯାତ୍ରା ସମୟରେ ସାଙ୍ଗରେ ନନେବା ପାଇଁ। ରେଳ କର୍ମଚାରୀ, ଲିଜ୍ ହୋଲ୍ଡର, ପାର୍ସଲ, ପ୍ୟାଂଟ୍ରି କାର୍ , ଖାଦ୍ୟ ଯୋଗାଣ କର୍ମଚାରୀ, କୁଲି, ଓବିଏଚଏସ୍ କର୍ମଚାରୀ ଓ ଅନ୍ୟାନ୍ୟ ଆଉଟସୋର୍ସ କର୍ମଚାରୀଙ୍କୁ ଜ୍ୱଳନଶୀଳ ପଦାର୍ଥ ବହନର ବିଷୟରେ ଅବଗତ କରାଯାଇଅଛି ଯାହାଦ୍ୱାରା ସେମାନେ ରେଳ ପ୍ରଶାସନକୁ ଦହନଶୀଳ ବସ୍ତୁ ପରିବହନ ସମ୍ବନ୍ଧରେ ଅବଗତ କରାଇ ପାରିବେ । ଆରପିଏଫ ଜିଆରପି ଓ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ ମାନଙ୍କ ସହ ସଂଯୁକ୍ତ ଭାବେ ବିଶେଷ ଯାଂଚ ଅଭିଯାନ ଚାଲୁ ରହିଛି । ଟ୍ରେନ୍ ଏସ୍କର୍ଟ ଟିମ୍ ଓ ମେରି ସହେଲି ଟିମ୍ ଯାତ୍ରୀ ଓ ସାମଗ୍ରୀ ଉପରେ ସତର୍କ ନଜର ରଖୁଛନ୍ତି । ଷ୍ଟେସନ୍, ଗୁଡ୍ସ ସେଡ୍, ଗାର୍ଡ ଭ୍ୟାନ୍, ପ୍ୟାଂଟ୍ରି କାର୍ , ଏସି କୋଚ୍ ଓ ଲୋକୋମୋଟିଭ୍ ରେ ଅଗ୍ନିନିରୋଧକ ଯନ୍ତ୍ରପାତି ସୁନିଶ୍ଚିତ ରଖାଯାଇଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀମାନଙ୍କୁ ଅନୁରୋଧ କରୁଛି ଯେ, ଟ୍ରେନ୍ ରେ ଯାତ୍ରା ସମୟରେ ଦହନଶୀଳ ବସ୍ତୁ ସାଙ୍ଗରେ ନନେବା ପାଇଁ ଓ ଯଦି ଏପରି କୌଣସି ଘଟଣା ଦେଖିବେ ତେବେ ତୁରନ୍ତ ରେଲୱେ ହେଲ୍ପଲାଇନ୍ ନମ୍ବର ୧୩୯ କୁ ଯୋଗାଯୋଗ କରି ସୂଚନା ଦେବାକୁ କୁହାଯାଇଛି ।

## କଟକ ନାଟ୍ୟୋତ୍ସବ ୨୦୨୫ ଅନ୍ତିମ ପର୍ଯ୍ୟାୟ ଉଦଘାଟିତ

# ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପରିସ୍ଫୁଟ କରିବାର ମଞ୍ଚ ହେଉଛି କଟକ ନାଟ୍ୟୋତ୍ସବ

**କଟକ, ନ୍ୟୁଜ ବ୍ୟୁରୋ**

ନାଟ୍ୟ ସଂସ୍କୃତିର ପୁନଃରୁଦ୍ଧାର ଲକ୍ଷ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଛି କଟକ ନାଟ୍ୟୋତ୍ସବ ୨୦୨୫। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁବାର ନାଟ୍ୟୋତ୍ସବ ଅନ୍ତିମ ପର୍ଯ୍ୟାୟକୁ ଉଦଘାଟନ କରି କହିଛନ୍ତି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପରିସ୍ଫୁଟ କରିବାର ମଞ୍ଚ ହେଉଛି କଟକ ନାଟ୍ୟୋତ୍ସବ। ଏହି ମହୋତ୍ସବରୁ ହିଁ ଆଗାମୀ ପିଢ଼ିର କଳାକାର, ନିର୍ଦ୍ଦେଶକ, ସଂଗୀତକାର, ସଂଳାପ ଲେଖକ ଆଦି ସୃଷ୍ଟି ହେବେ।
ଚାରିଦିନ ଧରି ଚାଲିବାକୁ ଥିବା ଏହି ନାଟ୍ୟୋତ୍ସବର ବିଭିନ୍ନ ଦିବସରେ ଚୟନ ପର୍ଯ୍ୟାୟରୁ ମନୋନୀତ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ୧୧ଟି ନାଟକ ପ୍ରଦର୍ଶିତ ହେଉଛି। ଗୁରୁବାର ଉଦଘାଟନୀ ଦିବସରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଆଧୁନିକତା ଓ ପୁରାତନ ମଧ୍ୟରେ ସମନ୍ୱୟ ରଖି ଆଗକୁ ବଢ଼ିବାର ଧାରାକୁ ନେଇ ପରିବେଷଣ କରିଥିଲେ ନାଟକ “ସକାଳର ଅପେକ୍ଷାରେ” ଏବଂ ରାଧାନାଥ ଇନଷ୍ଟିଚ୍ୟୁଟ ଅଫ ଆଡ଼ଭାନସଡ ଷ୍ଟଡି ଇନ ଏଜୁକେସନର ଛାତ୍ରଛାତ୍ରୀ “ଶକ୍ତିଶ୍ରୀ” ନାଟକ ମାଧ୍ୟମରେ ସମାଜରେ ନାରୀ ଉପରେ ହେଉଥିବା ଅତ୍ୟାଚାର ଓ କଷଣର କାହାଣୀ ବଖାଣିଥିଲେ। ଅନ୍ତିମ ପର୍ଯ୍ୟାୟ ବିଚାରକ ମଣ୍ଡଳୀରେ ଅଛନ୍ତି ବରିଷ୍ଠ ଅଭିନେତା ଡଃ ଅନଙ୍ଗ ଦ୍ୱିବେଦୀ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀଯୁକ୍ତ ହିମାଂଶୁ ଖଟୁଆ, ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀଯୁକ୍ତ ହରିଶ ମହାନ୍ତି ଓ ବିଶିଷ୍ଟ ନାଟ୍ୟକାର ଡଃ ବୈଜୟନ୍ତୀ ମିଶ୍ର ପ୍ରମୁଖ। ଆଜିର ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲାସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ ଓ ଚୟନ ପର୍ଯ୍ୟାୟର ସମସ୍ତ ନାଟ୍ୟ ବିଶେଷଜ୍ଞ ସର୍ବଶ୍ରୀ ଶ୍ରୀକାନ୍ତ ଚୌଧୁରୀ, ଉମେଶ ଦାସ, ଦେବୁ ପଟନାୟକ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ବବି ଇସଲାମ ଓ ସନ୍ଦୀପ ପାଣି ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ନାଟ୍ୟପ୍ରେମୀ ଯୋଗ ଦେଇ ନାଟକ ମହୋତ୍ସବକୁ ଉପଭୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଅକ୍ଟୋବର ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲର୍ସ ଅଫ ଉଇସଡମଠାରେ କଟକ ନାଟ୍ୟୋତ୍ସବ ୨୦୨୫ ଅନୁଷ୍ଠିତ ହେଉଛି । କଳାପ୍ରେମୀମାନେ ବିନା ମୂଲ୍ୟରେ ଏହି ନାଟ୍ୟୋତ୍ସବ ଦେଖିପାରିବେ।



# ନୂଆପଡା ଉପନିର୍ବାଚନ : ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କଲା ବିଜେପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆପଡା ଉପନିର୍ବାଚନ ପାଇଁ ବିଗୁଲ ବାଜିସାରିଛି। ଏଥିପାଇଁ ଗୁରୁବାର ଦିନ ବିଜେପି ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହିତ ଦଳ ସହିତ ଯୋଡିବା ହେବା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।
ଏହି ତାଲିକାରେ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଶ୍ରୀ ଜୁଏଲ ଓରାମ, ଛତିଶଗଡ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ଶ୍ରୀ ସୁନୀଲ ବଂସଲ, ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କେଭି ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଶ୍ରୀ ଅରୁଣ ସାଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ. ସମ୍ବିତ ପାତ୍ର, ବରିଷ୍ଠ ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ଶ୍ରୀ ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ସାଂସଦ ଶ୍ରୀ ବିଜମୋହନ ଅଗ୍ରୱାଲ, ଶ୍ରୀମତୀ ସଂଗୀତା ସିଂହଦେଓ, ପଂଚାୟତିରାଜ ଏବଂ ପାନୀୟ ଜଳ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ଆଦିବାସୀ କଲ୍ୟାଣ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଛତିଶଗଡ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସୱନ୍ତ ସାହବ, ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ, ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାର, ସାଂସଦ ଶ୍ରୀମତୀ ରୁପକୁମାରୀ ଚୌଧୁରୀ, ଶ୍ରୀମତୀ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ, ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ସାଂସଦ ଶ୍ରୀ ଅନୁଭବ ମହାନ୍ତି, ବିଧାୟକ ଶ୍ରୀ ଆକାଶ ଦାଶ ନାୟକ, ରାଜ୍ୟ ସାଧାରଣ ସଂପାଦକ(ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ବରିଷ୍ଠ ନେତା ଶ୍ରୀ ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ ବିଧାୟକ ଶ୍ରୀ ଅନୁଜ ଶର୍ମା, ଶ୍ରୀ ରୋହିତ ସାହୁ, ଶ୍ରୀ ଯୋଗେଶ୍ୱର ରାଜୁ ସିହ୍ନା, ଶ୍ରୀ ଲକ୍ଷ୍ମଣ ବାଗ ଏବଂ ଶ୍ରୀ ସନତ ଗଡତିଆ ପ୍ରମୁଖ ସାମିଲ ଅଛନ୍ତି ।

# ଉଚ୍ଛେଦ ପ୍ରତିବାଦରେ ଉଠାଦୋକାନୀମାନଙ୍କ ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଭୁବନେଶ୍ୱରର ବିଭିନ୍ନ ଜାଗାରେ ନିଜର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ୩ ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀ ମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ ଉଚ୍ଛେଦ କରିବା ପ୍ରତିବାଦରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ତରଫରୁ ଗୁରୁବାର ମେୟରଙ୍କ ବାସଭବନ ଘେରାଉ ପାଇଁ ଡାକରା ଦେଇଥିଲା। କଳ୍ପନା ଛକରୁ ଉଠାଦୋକାନୀ ମାନଙ୍କ ଏକ ବିରାଟ ଶୋଭାଯାତ୍ରା ବାହାରିବା ସମୟରେ ସେଠାରେ ପୁଲିସ୍ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କୁ ଅଟକାଇଥିଲା। ଅଟକାଇବା ସମୟରେ ମହାସଂଘର ଉପସଭାପତି ନିରଞ୍ଜନ ପାଣ୍ଡେ ଓ ମଞ୍ଜୁଲତା ନାୟକ ପୁଲିସ୍‌ଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଫଳରେ ପୁଲିସ୍ ଆନ୍ଦୋଳନକାରୀ ମାନଙ୍କୁ ଆଗକୁ ଯିବାକୁ ଦେଇନଥିଲା।

ଏହାପରେ ପ୍ରଦୀପ ସାହୁ, ହରିପଦ ଦାସ, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁ, ମଞ୍ଜୁଲତା ସାହୁ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ନିରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ବିଏମ୍‌ସି ଅଫିସ୍ ଯାଇ ଭେଣ୍ଡିଂଜୋନ ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମହାସଂଘର ପ୍ରମୁଖ ଦାବି ଗୁଡିକ ହେଲା ସମ୍ପୂର୍ଣ୍ଣ ଉଠାଦୋକାନ ଉଚ୍ଛେଦ ବନ୍ଦ କରାଯାଉ, ନୂତନ ଟାଉନ ଭେଣ୍ଡିଂଜୋନ ଗଠନ କରାଯାଉ, ଭୁବନେଶ୍ୱରର ଉଠାଦୋକାନମାନଙ୍କୁ ଉଚ୍ଛେଦ କରି ସେଠାରେ ସାଇକେଲ ଷ୍ଟାଣ୍ଡ ଓ ଗାଡ଼ି ଷ୍ଟାଣ୍ଡ କରାନଯାଉ, ୬୭ଟି ୱାର୍ଡ଼ରେ ଟାଉନ ଭେଣ୍ଡିଂ କମିଟି ଗଠନ କରାଯାଉ, ଉଠାଦୋକାନ ଆଇନ ଅନୁଯାୟୀ ଫୁଟପାଥର ଏକ ତୃତୀୟାଂଶ ସ୍ଥାନ ଉଠାଦୋକାନୀମାନଙ୍କ ପାଇଁ ସଂରକ୍ଷଣ ରଖାଯାଉ, ପ୍ରବାସୀ ଭାରତୀୟ / ବିଶ୍ୱ ହକି ଖେଳ ସମୟରେ ଉଚ୍ଛେଦ ହୋଇଥିବା ଭୁବନେଶ୍ୱରର ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରାଯାଉ, ଉଚ୍ଛେଦ ସମୟରେ ଉଠାଦୋକାନୀ ଆଇନ ଅନୁଯାୟୀ ସେମାନଙ୍କର ତାଲିକା / ଜବତ ଜିନିଷର ତାଲିକା ପ୍ରସ୍ତୁତ କରାଯାଉ, ଭୁବନେଶ୍ୱରରେ ଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ସର୍ଭେ କରାଯାଇ ଭେଣ୍ଡିଂ ସାର୍ଟିଫିକେଟ ଓ ଲାଇସେନ୍ସ ପ୍ରଦାନ କରାଯାଉ,ଭୁବନେଶ୍ୱରରେ ଉଚ୍ଛେଦ ସମୟରେ ଉଠାଦୋକାନୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ, ଇତ୍ୟାଦି। ଅତିରିକ୍ତ କମିଶନର ସମସ୍ତ ଦାବି ପ୍ରତି ଦୃଷ୍ଟି ଦେଇ କହିଲେ ଯେ, ଯେଉଁମାନଙ୍କର ଦୋକାନ ଉଚ୍ଛେଦ କରାଯିବ ସେମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବା ସହ ପାଣି, ଶୌଚାଳୟ, ବିଜୁଳିର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୨୫୮ଜଣ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଆରସି କ୍ୟାନ୍ସଲ ପାଇଁ ଚିଠି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାରମ୍ବାର ଟ୍ରାଫିକ ନିୟମ ଉଲଘଂନ କରୁଥିବା ଗାଡି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି କମିସନରେଟ ପୋଲିସ । ଏଭଳି ଉଲ୍ଲଂଘନକାରୀଙ୍କ ରେଜିଷ୍ଟ୍ରେସନ ସାର୍ଟିଫିକେଟ ଏବଂ ଫିଟନେସ ସାର୍ଟିଫିକେଟ କ୍ୟାନସଲ ପାଇଁ କମିସନରେଟ ପୋଲିସ ପରିବହନ ବିଭାଗକୁ ଚିଠି ଲେଖି ଜଣାଇଛି। ପ୍ରଥମ ପର୍ଯ୍ୟାୟରେ କଟକ ଏବଂ ଭୁବନେଶ୍ୱର ରେ ୨୫୮ଜଣ ଉଲଘଂନକାରୀଙ୍କୁ ଚିହ୍ନଟ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଉପରେ ବିଜେଡିର ପ୍ରତିକ୍ରିୟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୁରୁବାର ନୂଆପଡାରେ ଦେଇଥିବା ବକ୍ତବ୍ୟ ଉପରେ ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ଦେଇଛି । ନୂଆପଡା ଡବଲ ଇଞ୍ଜିନର ବିକାଶ ଦେଖିବ ବୋଲି ମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ, ଦୀର୍ଘ ୧୬ ମାସରେ ରାଜ୍ୟ ବିକାଶ ପରିବର୍ତ୍ତେ ବିନାଶ ଦେଖିବାକୁ ମିଳୁଛି ବୋଲି ବିଜେଡି କହିଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହେଉଥିଲା ।

ଭୁବନେଶ୍ୱର
୧୭ ଅକ୍ଟୋବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି ଦିପାବଳୀର ଶୁଭେଚ୍ଛା ଜଣାଇବା ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି। (ଫଟୋ : ସମ୍ବାଦ କଳିକା)

# ଅନ୍‌ଲାଇନ୍‌ରେ ମହାପ୍ରସାଦ ବିକ୍ରି ବିଜ୍ଞାପନ : ଆପ୍ ବିରୋଧରେ ଏତଲା

**ପୁରୀ,୧୬/୧୦ ନ୍ୟୁଜ ବ୍ୟୁରୋ**

ଅନ୍‌ଲାଇନ୍‌ରେ ବିକ୍ରି ହେଉଛି ମହାପ୍ରସାଦ । ସ୍ୱିଗୀ, ଜୋମାଟୋ ଭଳି ଅନ୍‌ଲାଇନ ପ୍ଲାଟଫର୍ମରେ ମାତ୍ର ୫୦ ଟଙ୍କାରେ ମହାପ୍ରସାଦ ମିଳୁଛି ବୋଲି ହେଉଛି ବିଜ୍ଞାପନ । ଅର୍ଡର କଲେ ମହାପ୍ରସାଦ ହୋମ୍ ଡେଲିଭରି କରାଯିବ ବୋଲି ସୋସିଆଲ ମିଡିଆରେ ବିଜ୍ଞାପନ କରାଯାଉଛି । ଏହାଦ୍ୱାରା ମହାପ୍ରସାଦର ଅପମାନ ହେଉଥିବା ଶ୍ରୀମନ୍ଦିର ସେବାୟତ ଓ ଅନ୍ୟ ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି । ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ଉଠିଛି । ଏହାପରେ ଆକ୍ସନ୍‌କୁ ଆସିଛି ଶ୍ରୀମନ୍ଦିର ପ୍ରଶାସନ। ସଂପୃକ୍ତ ଆପ୍ ବିରୋଧରେ ଏତଲା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ସୋସିଆଲ ମିଡିଆରୁ ବିଜ୍ଞାପନ ହଟାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା



ସୂଚନା ମିଳିଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନ୍‌ଲାଇନ୍ ମହାପ୍ରସାଦ ବିକ୍ରି ନେଇ କୌଣସି ଅନୁମତି କାହାକୁ ଦିଆଯାଇନାହିଁ । ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରାଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ।

# ଶ୍ରୀଜୀଉଙ୍କୁ ଦର୍ଶନ ବେଳେ ପଡ଼ିଯାଇ ହବିଷିଆଳି ଆହତ

**ପୁରୀ, ୧୬/୧୦ ନ୍ୟୁଜ ବ୍ୟୁରୋ**

ଗୁରୁବାର ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ଥିବା ପାର୍ଶ୍ୱ ମନ୍ଦିର ଦର୍ଶନ ସମୟରେ ଜଣେ ହବିଷିଆଳି ସନ୍ତୁଳନ ହରାଇ ପଡ଼ିଯାଇଥିଲେ। ଯାହା ଫଳରେ ତାଙ୍କ ପାଦରେ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ଚିକିତ୍ସକଙ୍କ ଅନୁସାରେ ତାଙ୍କ ପାଦ ମକଚି ହୋଇଯାଇଛି । ତେଣୁ ତାଙ୍କୁ ଚିକିତ୍ସାରେ ରଖାଯାଇଛି । ଏସମ୍ପର୍କରେ ଖବର ପାଇ ପୁରୀ ଏସ୍‌ପି ପ୍ରତୀକ ସିଂହ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିବା ପାଇଁ ନିଜେ ଯାଇ ଦେଖା କରିଥିଲେ। ମହିଳା ଜଣକ ତାଙ୍କୁ କହିଥିଲେ ଯେ, ସେ ନିଜେ ସନ୍ତୁଳନ ହରାଇ ପଡିଯାଇଥିଲେ ଏବଂ ଏହା ଭିଡ଼ କିମ୍ବା ଅନ୍ୟ କାହାର ପେଲା ଠେଲା ଦ୍ୱାରା ହୋଇନଥିଲା।

# ଜନ୍ମଦିନରେ ନବୀନଙ୍କ ପଦଯାତ୍ରା : 'ମୁଁ ସବୁବେଳେ ଆପଣଙ୍କ ସହ ରହିଛି, ରହିବି'






**ଭୁବନେଶ୍ୱର, ୧୬/୧୦ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ। ମୁଁ ସବୁବେଳେ ଆପଣଙ୍କ ସହ ରହିଛି, ରହିବି। ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବା କରିବି। ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରାରେ ଯୋଗ ଦେଇ ଏହା କହିଛନ୍ତି ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଜନ୍ମଦିନରେ ନବୀନ ପଟ୍ଟନାୟକ ଗୁରୁବାର ଲୋକଙ୍କ ଗହଣରେ ପହଞ୍ଚି ପଦଯାତ୍ରା। କରିଥିଲେ। ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଗଙ୍ଗନଗର ପଲ୍ଲୀରେ ଆୟୋଜିତ ଜନ ସମ୍ପର୍କ ପଦଯାତ୍ରାରେ ନବୀନ ଯୋଗ ଦେଇଥିଲେ। ଗତ ଜୁନ ମାସରେ ଅସୁସ୍ଥତା ପରେ ନବୀନ ପ୍ରଥମ ଥର ପାଇଁ କୌଣସି ବଡ଼ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଦୀର୍ଘ ଦିନ ପରେ ନବୀନଙ୍କୁ ପାଖରେ ପାଇ ଦଳୀୟ ନେତା ଓ କର୍ମୀଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ନବୀନଙ୍କୁ ସ୍ୱାଗତ କରିବାକୁ ବସ୍ତିର ପ୍ରତି ଘର ଆଗରେ ଶୁଭ କଳସ ବସିଥିଲା। ଝୋଟି ବି ହୋଇଥିଲା। ମହିଳାମାନେ ଥାଳିରେ ଫୁଲ ଧରି ନବୀନଙ୍କ ବାଟକୁ ଅପେକ୍ଷା କରିଥିଲେ। ନବୀନ ବସ୍ତି ରାସ୍ତାରେ ଚାଲି ଚାଲି ଯିବାବେଳେ ଫୁଲରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ନବୀନ ପଟ୍ଟନାୟକ ଜିନ୍ଦାବାଦ ସ୍ଲୋଗାନରେ ଖଣ୍ଡ ମଣ୍ଡଳ କମ୍ପିଥିଲା। ବିଜେଡି ଜିଲ୍ଲା ସଭାପତି ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସୁଲତା ଦେଓ, ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ବିଭୁତି ବଳବନ୍ତରାୟ, ମେୟର ସୁଲୋଚନା ଦାସ, ପ୍ରଣବ ବଳବନ୍ତରାୟ ପ୍ରମୁଖ ପହଞ୍ଚି ଥିଲେ। ନବୀନଙ୍କ ଝଲକ ଟିକିଏ ପାଇବାକୁ ପ୍ରବଳ ଭିଡ଼ ହୋଇଥିଲା। ଓଡ଼ିଶାର ମୁଖିଆ କହିଲେ କେବଳ ଲୋକଙ୍କ ଆଖିକୁ ତାଙ୍କର ସେ ସରଳ ଚେହେରା ଆଜିବି ଚାଲିଆସୁଛି । ଧଳା କୁର୍ତ୍ତା, ପାଇଜାମା, କୋଲ୍ହାପୁରୀର ଚପଲ ପିନ୍ଧି ଦିଲ୍ଲୀରୁ ପଲ୍ଲୀ ସବୁଠିକି ଯାଆନ୍ତି । ତାଙ୍କର ରାଜନୀତି ଜୀବନ ଓ ସିଧାସାଧା ଜୀବନଶୈଳୀ ନେଇ ଆଜିବି ସେ ଚର୍ଚ୍ଚାରେ । ଗୁରୁବାର ୮୦ ବର୍ଷରେ ପଦାର୍ପଣ କରିଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ । ଜନ୍ମଦିନ ଅବସରରେ ଛୋଟ ଛୋଟ ପିଲାମାନଙ୍କ ସହ ଜନ୍ମଦିନ ପାଳି ପୁଣି ଥରେ ନିଜର ସରଳ ବ୍ୟକ୍ତିତ୍ୱର ପରିଚୟ ଦେଇଛନ୍ତି। ନିଜର ସରଳ ଜୀବନକୁ ନେଇ ଚର୍ଚ୍ଚାରେ ଥିବା ନବୀନ ପୁଣି ଥରେ ନିଜର ସରଳତାର ଉଦାହରଣ ଦେଇଛନ୍ତି । ସରଳ ଓ ନିରାଡ଼ମ୍ବର ଜୀବନଶୈଳୀରେ ବିଶ୍ୱାସ ରଖିଥିବା ନବୀନ ଜନ୍ମଦିନ ଏସଓଏସ ଭିଲେଜରେ ପିଲାମାନଙ୍କ ଗହଣରେ କାଟିଛନ୍ତି । ସେଠାରେ ପହଞ୍ଚିବା ପରେ ପିଲାମାନେ ନବୀନଙ୍କୁ ସ୍ୱାଗତ କରିଥିଲେ। ପିଲାଙ୍କ ଦ୍ୱାରା ପ୍ରସ୍ତୁତ କେକ ନବୀନ କାଟିଥିଲେ । ଏହା ସହ ପିଲାମାନଙ୍କୁ ନବୀନ ନିଜେ କେକ ଖୁଆଇ ଦେଇ ଉପହାର ମଧ୍ୟ ଦେଇଥିଲେ। ପିଲାମାନଙ୍କୁ ଆଶୀର୍ବାଦ କରି ନବୀନ କହିଛନ୍ତି ଯେ ପିଲାମାନଙ୍କ ସହ ଜନ୍ମଦିନ ପାଳନ କରି ବହୁତ ଖୁସି। ଜନ୍ମଦିନରେ ସାମିଲ ହୋଇଥିବାରୁ ପିଲାମାନଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି । ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ସେ ଆଶୀର୍ବାଦ କରିଛନ୍ତି ।ନବୀନ ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ। ଚଳିତ ବର୍ଷ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅକ୍ଟୋବର ୯ରୁ ଆରମ୍ଭ ହୋଇଛି । ଏହା ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ ।

## ମରିସସରୁ ସ୍କାଏ ଡାଇଭିଂ କରି ଓଡ଼ିଆ ଯୁବକଙ୍କ ଅଭିନନ୍ଦନ

**ଝାରସୁଗୁଡା,୧୬/୧୦ ନ୍ୟୁଜ ବ୍ୟୁରୋ**

ବିଦେଶ ମାଟିରେ ହଜାର ହଜାର ଫୁଟ ଉପରୁ ଆକାଶରୁ ଏକାଧିକବାର ଡେଇଁ ଦେଶ ଓ ରାଜ୍ୟ ପାଇଁ ଗର୍ବ ଗୌରବ ଆଣିଥିବା ଝାରସୁଗୁଡ଼ା ସହର ପୁରୁଣାବସ୍ତିର ଯୁବକ ଦିଲୀପ ସାହୁ ପୁଣି ଏକ ଦୁଃସାହସିକ ଅଭିଯାନ କରିଛନ୍ତି। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ମରିସସ ଯାଇ ସେଠାରେ ଆକାଶରୁ ଡେଇଁ ନବୀନ ପଟ୍ଟନାୟକଙ୍କୁ ଆକାଶରେ ଉଡ଼ିବା ଅବସ୍ଥାରେ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।




ପୁରୀ : ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବେଳାଭୂମିରେ ଏକ ବାଲୁକା କଳା ନିର୍ମାଣ କରିଛନ୍ତି। (ଫଟୋ : ସମ୍ବାଦ କଳିକା)

**ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ମିଳିବନି ପେନ୍‌ସନ୍

**କଟକ, ୧୬/୧୦ ନ୍ୟୁଜ ବ୍ୟୁରୋ**

ଦୁର୍ନୀତିଖୋରଙ୍କୁ ନିସ୍ତାର ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଦୁର୍ନୀତି ମାମଲାରେ ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳିବନି ପେନ୍‌ସନ୍ । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପ୍ରୋଭିଜନାଲ୍ ପେନ୍‌ସନ୍ ବନ୍ଦ କରିବା ପ୍ରସଙ୍ଗରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଭିଜିଲାନ୍ସ ଅଦାଲତଙ୍କ



ଦଣ୍ଡାଦେଶ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାୟର ହୋଇଥିବା ମାମଲା ବିଚାରାଧୀନ ଥିବା ବେଳେ ସଂପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରୋଭିଜନାଲ ପେନସନ ମିଳିବ ନାହିଁ। ଭିଜିଲାନ୍ସ ଅଦାଲତଙ୍କ ଦଣ୍ଡ ବିରୋଧରେ ଉପର ଅଦାଲତରେ କେବଳ ମାମଲା ଦାୟର କରିଦେଲେ ପୁନର୍ବାର ପ୍ରୋଭିଜନାଲ୍ ପେନ୍‌ସନ୍ ପାଇଁ ସମ୍ପୃକ୍ତ ବ୍ୟକ୍ତି ହକଦାର ହେବେ ନାହିଁ । ଯଦି ଉପର ଅଦାଲତରେ ଭିଜିଲାନ୍ସ ଅଦାଲତ ରାୟ ଉପରେ ରହିତାଦେଶ ଜାରି କରାଯାଏ ବା ରଦ୍ଦ ହୁଏ ତେବେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବନ୍ଦ କରାଯାଇଥିବା ପ୍ରୋଭିଜନାଲ ପେନ୍‌ସନ୍ ପୁନର୍ବାର ପ୍ରଦାନ କରାଯାଇପାରିବ।

# ପୋଖରୀରେ ବୁଡି ଦୁଇ ନାବାଳକଙ୍କ ମୃତ୍ୟୁ

**ବାରିପଦା, ୧୬/୧୦ ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ପୋଖରୀରେ ବୁଡି ଦୁଇ ନିଷ୍ପାପ ନାବାଳକ ସଲିଳ ସମାଧି ନେଇଛନ୍ତି। ଏପରି ଏକ ଦୁଃଖଦ ଘଟଣା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚାଡରିପାହାଡି ଗ୍ରାମରେ ଘଟିଯାଇଛି। ସୂଚନା ଅନୁଯାୟୀ, ଚାଡରିପାହାଡି ଗ୍ରାମର ଦାଶରଥି ହାଁସଦାଙ୍କ ୯ ବର୍ଷର ପୁଅ ସାକିଲା ସିଂ ହାଁସଦା ଓ ମୁନିରାମ ମୁର୍ମୁଙ୍କ ୮ବର୍ଷର ପୁଅ ସୁବୋଧ ମୁର୍ମୁ ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ସାଙ୍ଗ ହୋଇ ପରିବାର ଲୋକଙ୍କୁ ଜଣାଇ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୁହେଁ ଘରକୁ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ନିକଟସ୍ଥ ପୋଖରୀକୁ ଯାଇ ଦେଖିଥିଲେ। ସେଠାରେ ଜଣେ ଭାସମାନ ଅବସ୍ଥାରେ ଥିବା ବେଳେ ତାକୁ ପରିବାର ଲୋକେ ଉଦ୍ଧାର କରିଥିଲେ। ତେବେ ଅନ୍ୟ ବାଳକକୁ ଦେଖିବାକୁ ପାଇ ନ ଥିଲେ ପରିବାର ଲୋକେ। ତୁରନ୍ତ ଏ ସମ୍ପର୍କରେ ନିକଟସ୍ଥ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ଆଉ ଜଣେ ବାଳକଙ୍କୁ ଉଦ୍ଧାର କରି ସେମାନଙ୍କୁ ରାଇରଙ୍ଗପୁର ମେଡିକାଲ ଆଣିଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ସୁନ୍ଦରଗଡରେ ଜଷ୍ଟିସ ଏ.କେ ପଟ୍ଟନାୟକଙ୍କ ଓମ୍ୟାଡସି କାର୍ଯ୍ୟ ସମୀକ୍ଷା

**ରାଉରକେଲା, ୧୬/୧୦ ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୟାଡସି)ର ନିରୀକ୍ଷଣ କର୍ତ୍ତୃପକ୍ଷ ଭାବେ ସୁପ୍ରିମକୋର୍ଟର ପୂର୍ବତନ ନ୍ୟାୟଧୀଶ ଜଷ୍ଟିସ ଏ.କେ ପଟ୍ଟନାୟକ ସୁନ୍ଦରଗଡକୁ ୫ ଦିନିଆ ଗସ୍ତରେ ଆସିଛନ୍ତି । ଏହି ଗସ୍ତରେ ସେ ଓମ୍ୟାଡସି ପାଣ୍ଠି ବିନିଯୋଗରେ ଖଣି ଅଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସଂରକ୍ଷଣ ଆଦିର ବିକାଶ ଦିଗରେ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି । ଏହା ଦ୍ୱାରା ଉକ୍ତ ଅଞ୍ଚଳର ଲୋକମାନଙ୍କ ଜୀବନ ଜୀବିକା ଉପରେ କିପରି ପ୍ରଭାବ ପକାଉଛି ସେ ବିଷୟରେ ମଧ୍ୟ ସ୍ଥାନୀୟ ଲୋକମାନଙ୍କ ସହିତ ପଚାରି ବୁଝିଥିଲେ । ଗସ୍ତର ୨ୟ ଦିବସରେ କୁତ୍ରା ହାଇସ୍କୁଲରେ ନିର୍ମାଣ ଧୀନ ଅତିରିକ୍ତ କ୍ଲାସରୁମ୍, ଶୌଚାଳୟ, ବିଦ୍ୟାଳୟ ପାଚେରୀ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ । ଏହା ସହିତ କୁନମୁର ଠାରେ ଛତୁ ସ୍ପାନ୍ ଉତ୍ପାଦନ ୟୁନିଟ ଅଞ୍ଚଳ, କ୍ରେଚସେଣ୍ଟରର ଆମ କଳିକା କେନ୍ଦ୍ର ପରିଦର୍ଶନ କରିଥିଲେ । ସେହିପରି କୁଆଁରମୁଣ୍ଡା ଅଞ୍ଚଳର ନିର୍ମାଣାଧୀନ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ବୁଲି ଦେଖିଥିଲେ । ଏହି ପ୍ରକଳ୍ପ ଯୋଗୁଁ କୁଆରମୁଣ୍ଡା ଓ ନୂଆ ଗାଁର ୨୦୧ ଗାଁ ଉପକୃତ ହେବ। ଏହା ବ୍ୟତିତ ଛେଣ୍ଡ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ କରି ଖେଳାଳୀମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି ଗସ୍ତରେ ଡିଏମଏଫର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଓମ୍ୟାଡସି ଜିଲ୍ଲା କାର୍ଯ୍ୟାଳୟ ମହାପ୍ରବନ୍ଧକ ଜୟନ୍ତ ଦାସ, ଅମ୍ବୁଜ ପ୍ରସାଦ, ଜଗନ୍ନାଥ ମିଶ୍ର, ଇଂ ୱାସିମ ଅହମ୍ମଦ, ଡେପୁଟି ଡାଇରେକ୍ଟର ଉଦ୍ୟାନ ବିଭାଗ ସୁକାନ୍ତ ନାୟକ ଉପସ୍ଥିତ ଥିଲେ ।

# ଗୁଳି ମାଡ କରି ଫେରାର ଥିବା ୨ ଦୁର୍ବୃତ୍ତଙ୍କୁ ଧରିଲା ପୋଲିସ



**ବ୍ୟାସନଗର, ୧୬/୧୦ ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ଯାଜପୁର ରୋଡ ପୋଲିସକୁ ମିଳିଛି ବଡ଼ ସଫଳତା। ଯାଜପୁର ରୋଡ ସହର ଗୋପବନ୍ଧୁ ନଗର ରାସ୍ତାରେ ଡିଏମ କମ୍ୟୁନିକେସନ ଦୋକାନ ଉପରକୁ ଗୁଳିମାଡ କରି ଦୁଇ ଜଣ ଦୃବୃତ୍ତ ଏକ ବାଇକରେ ଫେରାର ହୋଇ ଯାଇଥିଲେ। ଖବର ପାଇ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଯାଜପୁର ରୋଡ ଏସଡିପିଓ ଲକ୍ଷ୍ମୀଧର ନାୟକ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ ତଦନ୍ତ କରିଥିଲେ। ସିସି କ୍ୟାମେରା ଆଧାର କରି ଦୁର୍ବୃତ୍ତ ଦୁଇ ଜଣଙ୍କୁ ଘଟଣାର ୪ଘଣ୍ଟା ମଧ୍ୟରେ ମୁଣ୍ଡମାଳ ଠାରୁ ଗିରଫ କରିବା ସହିତ ପିସ୍ତଲ ଜବତ କରିଥିଲେ। ଦୁର୍ବୃତ୍ତମାନେ ହେଲେ ଏହି ଜଲ୍ଲାର କୋରେଇ ଥାନା ପୂର୍ବକୋଟ ଗ୍ରାମର ମାଇକଲେ ସନ୍ତୋଷ (୨୩) ଓ ଯାଜପୁର ରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ସନ୍ତୋଷ ପ୍ରଧାନ ବୋଲି ଯାଜପୁର ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଦେବୀଦତ୍ତ ନାମକ ଗୋପବନ୍ଧୁ ନଗର ନହକା ରାସ୍ତାରେ ଦୁର୍ଗାମାଧବ କମ୍ୟୁନିକେସନ ଦୋକାନ କରି ଅନ୍‌ଲାଇନ୍‌ରେ ଟ୍ରେନ୍ ଟିକେଟ ବୁକିଂ କରନ୍ତି। ମାଇକେଲ ସନ୍ତୋଷ ଆସାମର ଦୁର୍ବୃଡ଼ି ଗଡ଼ ଯିବାପାଇଁ ୪ଟି ଟିକେଟ ବୁକିଙ୍ଗ୍ କରିବା ପାଇଁ ଆଠ ହଜାର ଟଙ୍କା ପେମେଣ୍ଟ କରିଥିଲେ। ଟିକେଟ କ୍ୟାନସେଲ ହେବାରୁ ଡିପୋଜିଟ କରିଥିବା ଟଙ୍କା ମାଗି ଥିଲେ। ଏ ସମ୍ପର୍କରେ ଦୋକାନୀ ସହିତ ପାଟିତୁଣ୍ଡ ହୋଇଥିଲା । ଏହି ଦୁର୍ବୃତ୍ତମାନେ ୮୦ ହଜାର ଟଙ୍କା ଦେବା ପାଇଁ ଫୋନରେ ଧମକ ଦେଉଥିଲେ । ସନ୍ତୋଷ କ୍ରୋଧାନ୍ୱିତ ହୋଇ ବୁଧବାର ରାତିରେ ଦୋକାନକୁ ଗୁଳି କରି ଫେରାର ହୋଇଯାଇ ଭଉଣୀ ଘର ମୁଣ୍ଡମାଳରେ ଲୁଚି ଥିଲେ। ଥାନା ଅଧିକାରୀ ଆଶିଷ କୁମାର ସାହୁ ଏକ ସ୍କ୍ୱାର୍ଡ ଟିମ୍ ଗଠନ କରି ସି.ସି କ୍ୟାମେରା ଆଧାରରେ ଦୁଇ ଦୁର୍ବୃତ୍ତଙ୍କୁ ଠାବ କରି ଦୋକାନୀଙ୍କ ବୟାନ ଅନୁସାରେ ଆସାମୀମାନଙ୍କୁ ଗିରଫ କରିଛନ୍ତି। ଏହି ଦୁର୍ବୃତ୍ତମାନେ ବିହାର ସମେତ ଅନ୍ୟ ରାଜ୍ୟରେ ଡକାୟତି କରି ଥିବାର ସ୍ୱୀକାର କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ ଏସ.ଡି.ପି.ଓ ଓ ଥାନା ଅଧିକାରୀ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡ଼ାରେ ବଢୁଛି କୁମ୍ଭୀର ଆକ୍ରମଣ : ୬ ବର୍ଷରେ ଗଲାଣି ୨୪ ଜୀବନ

**କେନ୍ଦ୍ରାପଡା, ୧୬/୧୦ ନ୍ୟୁଜ ବ୍ୟୁରୋ**

କୁମ୍ଭୀର-ମଣିଷ ଲଢେଇ ମଧ୍ୟରେ ପ୍ରତିବର୍ଷ ଯାଉଛି ଅନେକ ଜୀବନ । ବର୍ଷା ଦିନ ହେଲେ ନଦୀରେ ଆସିଲେ ଛନକା ପଶେ କେନ୍ଦ୍ରାପଡାବାସୀଙ୍କ ମନରେ । ସାଧାରଣତଃ ନଦୀ କୂଳିଆ ଲୋକଙ୍କ ମନରେ କୁମ୍ଭୀର ଭୟ ଅଧିକ ଥାଏ । ସରକାରୀ ତଥ୍ୟ ଅନୁଯାୟୀ ଗତ ୬ ବର୍ଷ ମଧ୍ୟରେ କୁମ୍ଭୀର ଆକ୍ରମଣରେ ୨୪ ଜଣଙ୍କ ମୃତ୍ୟୁ ହୋଇଥିବା ରେକର୍ଡ ରହିଥିବା ବେଳେ ବାସ୍ତବିକତା ଅଲଗା ବୋଲି ଅଭିଯୋଗ ହେଉଛି । ବେସରକାରୀ ହିସାବରେ ଚଳିତ ବର୍ଷ କୁମ୍ଭୀର ଆକ୍ରମଣରେ ୪ ଜଣଙ୍କ ଜୀବନ ଯାଇଥିବା କୁହାଯାଉଛି । ଅଳ୍ପକେ ରକ୍ଷା ପାଇଛନ୍ତି ୩ ଜଣ । ବନବିଭାଗ ପକ୍ଷରୁ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିବା କୁହାଯାଉଥିବା ବେଳେ ତାର ବାଡ଼ ଘେରାଇ ଲୋକଙ୍କୁ ରକ୍ଷା କରିବା ପ୍ରହସନ ପାଲଟିଛି। । କେନ୍ଦ୍ରାପଡା ଜିଲ୍ଲାର ୪୮ କିଲୋମିଟର ବ୍ୟାପୀ ରହିଛି ସମୁଦ୍ର ଉପକୂଳ । ମହାନଦୀ, ବରୁଣେଇ, ଧାମରେଇ ମୁହାଣ ମୁହଁ ରହିଛି । ବରୁଣେଇ ଓ ଧାମରେଇ ମୁହାଣ ମୁହଁ ମଝିରେ ଅଛି ଭିତରକନିକା ଜାତୀୟ ଉଦ୍ୟାନ । ଏହି ଜାତୀୟ ଉଦ୍ୟାନ କେନ୍ଦ୍ରାପଡାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି କହିଲେ ଭୁଲ ହେବ ନାହିଁ। ଏଥିପାଇଁ କେନ୍ଦ୍ରାପଡାକୁ ପର୍ଯ୍ୟଟକଙ୍କ ସୁଅ ଛୁଟେ । ହେଲେ ଭିତରକନିକା ସହ ଯେଉଁ ସବୁ ନଦୀଗୁଡିକ ଜଡିତ ତାହା ଏବେ ବିପଦସଙ୍କୁଳ ହୋଇପଡିଛି । କାରଣ ନଦୀରେ ଆସୁଛନ୍ତି କୁମ୍ଭୀର । ନଦୀକୂଳ, ଯୋର କିମ୍ବା ପୋଖରୀରେ ବାସନ ମାଜିବା କିମ୍ବା ଶୌଚ ହେବା ସମୟରେ ଟାଣି ନେଇଯାଉଛନ୍ତି ଲୁଚି ରହିଥିବା କୁମ୍ଭୀର । ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ନଦୀ ଓ ଉପନଦୀ ଗୁଡିକରେ ଗତ ୬ ବର୍ଷ ମଧ୍ୟରେ ମଣିଷ-କୁମ୍ଭୀର ଲଢେଇରେ ୨୪ ଜଣଙ୍କ ଜୀବନ ଯାଇଥିବା ସରକାରୀ ସୂଚନା ରହିଛି । ୨୦୧୯ରେ ୬ଜଣ, ୨୦୨୦ ୩, ୨୦୨୧ରେ ୪, ୨୦୨୨ରେ ୪, ୨୦୨୩ରେ ୫ ଏବଂ ୨୦୨୪ରେ ୨ ଜଣଙ୍କର କୁମ୍ଭୀର ଆକ୍ରମଣରେ ମୃତ୍ୟୁ ଘଟିଛି । ୨୦୨୫ ଅକ୍ଟୋବର ମାସ ୧୫ ତାରିଖ ସୁଦ୍ଧା ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ଶୂନ ରହିଥିବା କୁହାଯାଉଛି। ଗତବର୍ଷ ଅକ୍ଟୋବର ମାସ ୧୮ ତାରିଖରେ ମହାକାଳପଡ଼ା ନାଞ୍ଜୁଡ଼ା ପଞ୍ଚାୟତ ରଟପଙ୍ଗ ଗାଁର ଶିବଶଙ୍କର ସାମନ୍ତ ନିକଟସ୍ଥ ନଦୀକୂଳକୁ ଗାଈ ଆଣିବାକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ଗତବର୍ଷ ନଭେମ୍ବର ମାସରେ ଏହି ବ୍ଲକ ଅନ୍ତର୍ଗତ ପେଟଛେଲା ପଞ୍ଚାୟତ ଶବରପଡା ଗାଁର ଦିବ୍ୟାଙ୍ଗ ଯୁବକ ଦିପୁଙ୍କୁ କୁମ୍ଭୀର ଆକ୍ରମଣ କରିଥିବା ବେଳେ କୌଶଳକ୍ରମେ ସେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଅନୁରୂପ ଭାବେ ଚଳିତବର୍ଷ ବର୍ଷାଦିନ ଆରମ୍ଭରୁ ଆଳି ବ୍ଲକ କୋଲଡ଼ିହ ପଞ୍ଚାୟତ ମହାନ୍ତି ଗାଁର କାଜଲ ମହାନ୍ତି ନାମ୍ନୀ ଜଣେ ମହିଳା ଶୌଚ ହେବାକୁ ନିକଟସ୍ଥ ଜୋରକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣ କରି ମାରି ଦେଇଥିବା ଅଭିଯୋଗ ହୋଇଥିଲା । ସେହିପରି ଚଳିତବର୍ଷ ଅଗଷ୍ଟ ୨୦ ତାରିଖରେ ଗୋଟିଏ ଦିନରେ କୁମ୍ଭୀର ଦୁଇଟି ସ୍ଥାନରେ ଆକ୍ରମଣ କରିଥିଲା । ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଖୁଣ୍ଟା ଗାଁର ୧୩



ବର୍ଷୀୟ ନାବାଳକ ରାକେଶ ମଲିକ ବାପାଙ୍କ ପାଖକୁ ବିଲକୁ ଖାଇବା ନେଇ ଯିବା ସହ ଖାଇବା ପରେ ବାସନ ମାଜିବାକୁ ଜୋରକୁ ଯାଇଥିବା ବେଳେ କୁମ୍ଭୀର ସହ ଲଢ଼ି ଜୀବନ ବଞ୍ଚାଇଥିଲେ ମଧ୍ୟ କ୍ଷତାକ୍ତ ହୋଇଥିଲେ । ସେହିପରି ଆଳି ବ୍ଲକ ମାଣିକ ପାଟଣା ଗାଁର ପଞ୍ଚାନନ ଦାସ ଗାଈ ଗୋଠ ନେଇ ବ୍ରାହ୍ମଣୀ ନଦୀର ନଗଡ଼ ଘାଟକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ କୁମ୍ଭୀର ଆକ୍ରମଣ ଏବଂ ଏଥିରେ ମୃତାହତଙ୍କ ସମ୍ପର୍କରେ ମତ ରଖି କେନ୍ଦ୍ରାପଡା ସିଭିଲ ସୋସାଇଟି ଫୋରମ ସଦସ୍ୟ ଭାଗିରଥି ଜେନା କୁହନ୍ତି,'୭ ନଦୀ, ୨୭ ଉପନଦୀ ଘେରା ଜିଲ୍ଲା ହେଉଛି କେନ୍ଦ୍ରାପଡା ଜିଲ୍ଲା । ଏହା ଆଜିକାଲିର ନୁହେଁ ଏହା ଅତୀତରୁ ରହିଛି ଓ ଭବିଷ୍ୟତରେ ରହିବ ମଧ୍ୟ । ଏଠାରେ କୁମ୍ଭୀର ପ୍ରଜନନ ଆରମ୍ଭ ହେବା ପରେ କୁମ୍ଭୀର ବଢିବା ସମସ୍ତଙ୍କ ପାଇଁ ଖୁସିର ବିଷୟ ଥିଲା। ସାରା ରାଜ୍ୟ, ଦେଶ ଓ ବିଶ୍ୱରେ କୁମ୍ଭୀରମାନଙ୍କ ପାଇଁ ଆମେ ନାଁ କରିଛୁ ସତ ହେଲେ ଲୋକମାନଙ୍କ ଧନଜୀବନ ସୁରକ୍ଷିତ ରହିବା ଆବଶ୍ୟକ। କୁମ୍ଭୀର ପାଇଁ ପର୍ଯ୍ୟଟକ ବଢ଼ିଛନ୍ତି ହେଲେ ସାଧାରଣ ଲୋକଙ୍କ ଜୀବନ ଯାଇଛି । ସରକାରୀ ଭାବେ ଗତ ୬ ବର୍ଷରେ କୁମ୍ଭୀର ଆକ୍ରମଣରେ ମୃତକଙ୍କ ସଂଖ୍ୟା ୨୪ କୁହାଯାଉଥିବା ବେଳେ ବେସରକାରୀ ହିସାବ ନେଲେ ଏହା ୫୦ରୁ ଉର୍ଦ୍ଧ୍ୱ ହେବ । ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଅଞ୍ଚଳରେ ଜୀବିକା ପାଇଁ ମାଛ ମାରିବା, ଜାଳ ସଂଗ୍ରହ କରିବା ସମେତ ଜାତୀୟ ଉଦ୍ୟାନରୁ ଔଷଧ ସଂଗ୍ରହ କରି ଏଠାକାର ଗରିବ ଲୋକମାନେ ପ୍ରତିପୋଷିତ ହେଉଥିବା ବେଳେ ଅଯଥାରେ ସେମାନଙ୍କ ଜୀବନ ଯାଉଛି ।' ସେ କହିଛନ୍ତି, 'ବନବିଭାଗ ଠିକଣା ଭାବେ ସେମାନଙ୍କ କାର୍ଯ୍ୟକୁ ନିର୍ବାହ କରୁନଥିବାରୁ ଏଭଳି ଅଘଟଣ ଘଟୁଛି । ଜୀବନ ବଞ୍ଚିବା ପାଇଁ ଗାଧୁଆ ତୁଠରେ ବନବିଭାଗ ବ୍ୟାରିକେଡ ଲଗାଇଥିଲା ହେଲେ ଏବେ ସେଗୁଡିକ ଭାଙ୍ଗିରୁଜି ପାଣିରେ ଭାସିଗଲାଣି । ଏଇ କିଛିଦିନ ତଳେ ବରୀ ଅଞ୍ଚଳର ଜଣେ ମହିଳାଙ୍କୁ ଲୋକଙ୍କ ଆଗରେ କୁମ୍ଭୀର ଖାଇବା ସମସ୍ତଙ୍କୁ ଗଭୀର ଆଘାତ ଦେଇଛି ।' ଓଡ଼ିଶା କୃଷକ ସଭା ଜିଲ୍ଲା ସଦସ୍ୟ ଗୟାଧର ଧଳ କୁହନ୍ତି, 'କେନ୍ଦ୍ରାପଡା ଜିଲ୍ଲାରେ ନଦୀ, ଉପନଦୀ, ଦଣ୍ଡା, ପାଟିଆ, ଜୋର ମଧ୍ୟ ରହିଛି । କୁମ୍ଭୀରମାନେ ମୁଖ୍ୟତଃ ନଈ ଗୁଡିକରେ ସମୁଦ୍ରରୁ ଆସୁଥିବା ମାଛ ଖାଇ ରହିଥାନ୍ତି ହେଲେ ବଡ ବଡ ବୋଟ ଏହିସବୁ ମାଛ ସମୁଦ୍ରରୁ ମାରି ନେଉଥିବାରୁ ବର୍ତ୍ତମାନ କୁମ୍ଭୀର ଉପରକୁ ଉଠି ଆସୁଛନ୍ତି । ଯାଜପୁର ଓ ପଡୋଶୀ କଟକ ଜିଲ୍ଲାର ନଦୀମାନଙ୍କରେ ମଧ୍ୟ କୁମ୍ଭୀର ଆତଙ୍କ ଦେଖା ଗଲାଣି। ତେବେ ବନବିଭାଗ କେବଳ ପ୍ରଚାର ଓ ବିଜ୍ଞାପନ ଦେଇ ବାଃ ବାଃ ନେଉଥିବା ବେଳେ କାମ କରିବା କେବେ ଦେଖାଯାଉନି । ପ୍ରତିବର୍ଷ ଶହ ଶହ ଲୋକ କୁମ୍ଭୀର ଆକ୍ରମଣରେ ମରୁଥିବା ବେଳେ ବନବିଭାଗ ସଂଖ୍ୟା କମ ଦର୍ଶାଇ ଅଙ୍କୁଶ କଥା କହୁଛି । ଏହି ସଚେତନତା ପ୍ରଚାର ଓ ପ୍ରସାର ପାଇଁ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ଏହାକୁ ହରିଲୁଟ କରାଯାଉଛି ।' କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବିଶେଷଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଏନେଇ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ରହିଛି । ଜାତୀୟ ଉଦ୍ୟାନ ସଂଲଗ୍ନ ଅଞ୍ଚଳରେ ପ୍ରବେଶ ବାରଣ ରହିଥିବା ବେଳେ ଜାତୀୟ ଉଦ୍ୟାନଠାରୁ ୨୫ କିଲୋମିଟର ଅଞ୍ଚଳରେ କୁମ୍ଭୀର ଆକ୍ରମଣରେ କାହାର ମୃତ୍ୟୁ ହେଲେ ଏଥିପାଇଁ କ୍ଷତିପୂରଣ ଦିଆଯିବ ନାହିଁ ବୋଲି ବନବିଭାଗ ନିୟମ ରହିଛି । କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲିକ କହିଛନ୍ତି,' ସରକାରୀ ଭାବେ କୁମ୍ଭୀର ଆକ୍ରମଣରେ ମୃତ୍ୟୁ ସଂଖ୍ୟା ୨୪ (୨୦୧୯ରୁ) ଥିବାବେଳେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉଛି । ବନବିଭାଗ ଏହି କ୍ଷତିପୂରଣ ଦେଉଥିବା ବେଳେ ଲୋକମାନଙ୍କୁ ଏନେଇ ସଚେତନତା କରାଯାଉଛି।